# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


## ୨୫ ରାଜନୀତି

## ପବ୍ଲିକ୍ ପାୱାର୍; ଦରମା ପୁନର୍ବିଚାର

## ଝୁମ୍ପୁକାରେ ଛୁଙ୍କ; ଶଙ୍ଖ ଭବନରେ ବାସ୍ନା

## ଅଙ୍କ ମାଷ୍ଟ୍ରେଙ୍କ ଅଙ୍କ


## 'ଟାଟା' ଲୁଟ୍ 'ପାୱାର୍'

ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-5 22 DECEMBER-28 DECEMBER, 2025 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୫ ୨୨ ଡିସେମ୍ବର-୨୮ ଡିସେମ୍ବର, ୨୦୨୫ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର



# ପାରଙ୍ଗମ କମ୍ପାନୀ, ଅପାରଗ ସରକାର

ଆଜ୍ଞା, ସରକାରରେ ମନ୍ତ୍ରୀ, ତନ୍ତ୍ରୀ, ଯନ୍ତ୍ରୀ ଏମିତି ଲକ୍ଷ ଲକ୍ଷ ଲୋକ କାମ କରୁଛନ୍ତି । ଦରମା ବାବଦରେ ପାଣି ଭଳି ରାଜକୋଷରୁ ଟଙ୍କା ବହିଯାଉଛି । ତଥାପିବି ସରକାର, ପ୍ରଶାସନ ଓ ବ୍ୟବସ୍ଥା ଅପାରଗ ? ବରଂ ଆମ ସରକାରଙ୍କ ଆଖିରେ କମ୍ପାନୀଗୁଡ଼ିକ ହିଁ ପାରଙ୍ଗମ । ଏକଥା ଖାଲି ଆମେ ନୁହଁ, ଆପଣଙ୍କ ମନକୁ ବି ଆନ୍ଦୋଳିତ କରୁଥିବ ନିଶ୍ଚୟ ।

ଗୋଟିଏ ଛୋଟିଆ ଉଦାହରଣଟେ ଦେଲେ ଆପଣ ଆମ କହିବାର ମାନେ ବୁଝିପାରିବେ । ଏବେ ଏବେ ଟାଟା ପାୱାରର ଲୁଟ, ଶୋଷଣ ଚରମସୀମାରେ। ଗାଁ ଗାଁରେ ଜନ ଅସନ୍ତୋଷ । ଖାଲି ବିରୋଧୀ ନୁହଁନ୍ତି, ସରକାରୀ ଦଳର ଲୋକେ ବି ଅସନ୍ତୁଷ୍ଟ । ବିଜେପି ନେତା ସିନା ମୁହଁ ଖୋଲି କହିପାରୁନାହାନ୍ତି, ହେଲେ ସେମାନେ ବି ଟାଟା ପାୱାରକୁ ନେଇ ଅତିଷ୍ଠ । ଆମେ ସମସ୍ତେ ଜାଣିଛେ, କମ୍ପାନୀଗୁଡ଼ିକ ମୁନାଫାଖୋର । ବିନା ଲାଭରେ ସେମାନେ ବେପାର କରନ୍ତି ନାହିଁ । ସ୍ୱାଧୀନତାର ୭୮ ବର୍ଷ ବିତିଗଲାଣି । ଆଉ ୧୦ ବର୍ଷ ପରେ ଆମେ ସମୃଦ୍ଧ ଓଡ଼ିଶା ଦେଖିବା ଆଉ ୨୨ ବର୍ଷ ପରେ ବିକଶିତ ଭାରତ ଦେଖିବା। କେନ୍ଦ୍ର ଓ ରାଜ୍ୟ ସରକାର ଆମ ମନରେ ଏମିତି ସ୍ୱପ୍ନ ଖୁନ୍ଦି ଦେଇଛନ୍ତି । ହେଲେ ଭାବିଲେ ଦେଖି, ଯେଉଁଠି ସରକାର ଘରେ ଘରେ ବିଜୁଳି ପହଁଚାଇବାକୁ କମ୍ପାନୀର ସହାୟତା ନିଅନ୍ତି ସେତେବେଳେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନର କ'ଣ ମାନେ ଅଛି ? ଟାଟା ପାୱାର ତ କ୍ଷତିରେ ବେପାର କରୁନି, ସେ ଲାଭ କରୁଥିବ ନିଶ୍ଚୟ। ଯଦି କମ୍ପାନୀ ଲାଭ କରୁଛି, କର୍ମଚାରୀଙ୍କୁ ଦରମା ଦେଉଛି ତା'ହେଲେ ଆମ ସରକାର ଏବ୍ୟବସ୍ଥା ନିଜ ହାତକୁ ନେଲେ କ'ଣ ଲାଭ କରିପାରିବେନି ନା ଚଳାଇ ପାରିବେନି । ଟାଟା ପାୱାର ତ ମଙ୍ଗଳ ଗ୍ରହରୁ ଲୋକ ଆଣି ସଂସ୍ଥା ଚଳାଉନି। ଆମରି ଓଡ଼ିଶାର ଯୁବକ ଯୁବତୀମାନେ ହିଁ ସେଇ ସଂସ୍ଥା ଚଳାଉଛି । କମ୍ପାନୀ କେବଳ ବ୍ୟବସ୍ଥାଟିଏ ସୃଷ୍ଟି କରିଛି ମାତ୍ର। ବାସ୍, ସରକାରବି ନିଜେ ବ୍ୟବସ୍ଥା କରି ଚଳାନ୍ତୁ । ଅସୁବିଧା କ'ଣ ? ହଁ, କେହିକେହି କୁହନ୍ତି କମ୍ପାନୀ ବୋଲି ଲୋକେ ମାସକୁ ମାସ ଡରରେ ବିଜୁଳି ବିଲ୍ ଦେଉଛନ୍ତି । ଆଗରୁ ଦେଉନଥିଲେ। ସରକାରୀ କର୍ମଚାରୀମାନେ ପ୍ରୀୟାପ୍ରୀତିତୋଷଣ କରି ଖାଇ ଯାଉଥିଲେ। ଆଜ୍ଞା ସେଇ କଥାରେ ଆମେ କ'ଣ ଅଟକିଯାଇ କମ୍ପାନୀ ହାତରେ ଆମ ରାଜ୍ୟର ଭବିଷ୍ୟତ ଟେକିଦେବା କି ? ଟଙ୍କା ଆଦାୟ ପାଇଁ ସରକାରଙ୍କୁ ଛୋଟିଆ ଟିପ୍ସଟେ । ବିଜୁଳି ବିଲ୍ ତିନି ମାସରୁ ଅଧିକ ଦିନ ବାକି ରଖିଲେ, ରାସନ୍ ବନ୍ଦ କରିଦିଅନ୍ତୁ । ଚାଉଳ ବନ୍ଦ ହେଲେ ସ୍ୱାସ୍ଥ୍ୟ କାର୍ଡ଼ ବି କଟିଯିବାର ଡର । ସୁଭଦ୍ରା ନମିଳିବାର ବି ଡର। ଦେଖିବେ ଲୋକେ କେମିତି ଧାଁ ଦଉଡ଼ କରି ବିଜୁଳି ବିଲ୍ ପଇଠ କରିବେ। ଦେଖାଯାଉ, ଆମ କଥା ସରକାରଙ୍କ ପାଖରେ ପହଁଚୁଛି କି ନାହିଁ ।

## ନିମାପଡ଼ାର ରାଜନୀତି

# ନେତା ଶୂନ୍ୟ, ନୀତି ଶୂନ୍ୟ



**ପ୍ରଶାନ୍ତ ସ୍ୱାଇଁ**

ନିମାପଡ଼ାର ମାଟି କେବଳ ଭୂଗୋଳ ନୁହେଁ; ଏହା ସଂଗ୍ରାମ, ସାହିତ୍ୟ, ସଚେତନତା ଓ ସାମାଜିକ ନ୍ୟାୟର ପରିଚୟ। ଏହି ଭୂମି ଭକ୍ତ ବଳରାମ ଦାସଙ୍କ ଭକ୍ତି, ବିଦ୍ରୋହୀ ଚେତନା ଓ ସାହିତ୍ୟିକ ସୃଜନଶୀଳତାର ସାକ୍ଷୀ; ଯିଏ 'ଲକ୍ଷ୍ମୀ ପୁରାଣ' ମାଧ୍ୟମରେ ସମତା, ନାରୀ ସମ୍ମାନ ଓ ସାମାଜିକ ନ୍ୟାୟର ଘୋଷଣା କରିଥିଲେ, ଏବଂ 'ଦାଣ୍ଡି ରାମାୟଣ' ରଚନା କରି ଓଡ଼ିଆ ଲୋକସାହିତ୍ୟକୁ ଜନମଞ୍ଚରେ ପହଞ୍ଚାଇଥିଲେ।

ସେଇ ଭକ୍ତିଶକ୍ତିରେ ବାଲିରୁ ରଥ ଗଢ଼ି ପ୍ରଭୁ ଜଗନ୍ନାଥଙ୍କ ରଥକୁ ବଡ଼ଦାଣ୍ଡରେ ଅଟକାଇଥିବା ଏହି ମହାନ ଭୂମିରେ; ଆଜି ରାଜନୀତି ଧୀରେଧୀରେ ନୀତି, ଦୃଷ୍ଟିକୋଣ ଓ ନେତୃତ୍ୱ ହରାଇ ଏକ ପେଶାମୂଳକ ପ୍ରଚାର ବ୍ୟବସାୟରେ ପରିଣତ ହୋଇପଡ଼ିଛି। ଫଳକ, ଫୁଲ, ଫେସବୁକ୍ ଓ ଫଟୋ ସେସନ୍‌ରେ ସୀମିତ ହୋଇଯାଇଛି ସାର୍ବଜନୀନ ସେବା।

ଦୀର୍ଘ ପ୍ରାୟ ୧୭ ବର୍ଷର ରାଜନୈତିକ ଟ୍ରାକ୍ ରେକର୍ଡ ଦେଖିଲେ ଏକ କଠୋର ସତ୍ୟ ସାମ୍ନାକୁ ଆସେ; ସମସ୍ୟା ଅପାର, କିନ୍ତୁ ସମାଧାନ ପାଇଁ ଇଚ୍ଛାଶକ୍ତି ଦୁର୍ବଳ।

**ପ୍ରଶାସନିକ ଭାବେ ନିମାପଡ଼ା ଆଜି ବିଭକ୍ତ। ଗୋପ ବ୍ଲକ୍ ତିନିଟି ନିର୍ବାଚନ ମଣ୍ଡଳୀରେ ଭାଗ ହୋଇଥିବାରୁ ଦାୟିତ୍ୱ କାହାର ସ୍ପଷ୍ଟ ନୁହେଁ। ଅନେକ ନେତା ଅଛନ୍ତି, କିନ୍ତୁ ଏକ ସମନ୍ୱିତ ନେତୃତ୍ୱ ନାହିଁ। ସବୁଠାରୁ ଚିନ୍ତାଜନକ ହେଉଛି ଛାତ୍ର ଓ ଯୁବ ନେତୃତ୍ୱର ଶୂନ୍ୟତା। ସତ୍ୟ କଥା କହୁଥିବା ଓ ଲୋକଙ୍କ ପାଇଁ ଲଢ଼ିବାକୁ ଚାହୁଁଥିବା ଯୁବକମାନେ ଆଗକୁ ଆସିବାରୁ ନିରୁତ୍ସାହିତ। ଏହା ଏକ ଅସୁସ୍ଥ ରାଜନୈତିକ ସଂସ୍କୃତିର ପରିଣାମ।**

ନିମାପଡ଼ା ବ୍ଲକ୍, ଗୋପ ବ୍ଲକ୍‌ର ୧୪ଟି ପଞ୍ଚାୟତ ଓ ନିମାପଡ଼ା ଏନ୍.ଏ.ସି. ମିଶି ଗଠିତ ଏହି ନିର୍ବାଚନ ମଣ୍ଡଳୀ ଚାଷୀ ପ୍ରଧାନ ଅଞ୍ଚଳ। ଖଣି ବ୍ୟତୀତ ଏଠାରେ ସବୁ ଅଛି। ଧାନ, ପାନ, ମୀନ, ପନିପରିବା, ଦୁଗ୍ଧ ଉତ୍ପାଦନ, ବିସ୍ତୀର୍ଣ୍ଣ ସମୁଦ୍ର ଜଳରାଶି, ନଦୀନାଳ, ମାନବ ସମ୍ବଳ, ଜଙ୍ଗଲ ଜାତୀୟ ପଦାର୍ଥ, ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର, ମା ରାମଚଣ୍ଡୀ, ଗଙ୍ଗେଶ୍ୱରୀ, ସମୁଦ୍ରତଟ ସବୁ ଥିବା ସତ୍ତ୍ୱେ ନିମାପଡ଼ା ବିକାଶରୁ ଆଜି ବି ଦୂରରେ କାହିଁକି?

କାରଣ ଏଠାର ସମ୍ପଦକୁ ନିମାପଡ଼ା, କାକଟପୁର ଓ ପୁରୀର କିଛି ତଥାକଥିତ ପେଶାଦାର ନେତା ଦୀର୍ଘବର୍ଷ ଧରି ନିଜ ସ୍ୱାର୍ଥ ପାଇଁ ଲୁଟିନେଉଛନ୍ତି। ଏଠାର ଚାଷୀ ହାରୁଛି, ଯୁବକ ପ୍ରବାସୀ ହେଉଛି, କିନ୍ତୁ ଦଲାଲ ଓ ମଧ୍ୟସ୍ଥ ମାଲାମାଲ ହେଉଛନ୍ତି।

ଧନୁଆ ନଦୀ ଏହାର ଜ୍ୱଳନ୍ତ ଉଦାହରଣ। ବର୍ଷା ଆସିଲେ ବନ୍ୟା, ଖରା ଆସିଲେ ପାଣି ସଙ୍କଟ—ଦୁଇ ଚରମ ଯନ୍ତ୍ରଣା ମଧ୍ୟରେ ଅଞ୍ଚଳବାସୀ ଆଜିବି ଜୀବନ ଯାପନ କରୁଛନ୍ତି। ଦାବି, ଆନ୍ଦୋଳନ ଓ ଆଶ୍ୱାସନ ବହୁତ ହେଲା—କିନ୍ତୁ ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ ଏକ ସ୍ୱପ୍ନ।

ସଂସ୍କୃତିକ ଭାବେ ମଧ୍ୟ ନିମାପଡ଼ା ଅବହେଳିତ। ଭକ୍ତ ବଳରାମ ଦାସଙ୍କ ଭଳି ଯୁଗପୁରୁଷ ଆଜିବି ପାଠ୍ୟପୁସ୍ତକ, ରାଜ୍ୟସ୍ତରୀୟ ପ୍ରଚାର ଓ ସଂସ୍କୃତିକ ନୀତିରେ ଯଥୋଚିତ ସ୍ଥାନ ପାଇନାହାନ୍ତି। 'ଛେନା ଝିଲି' ଭଳି ପାରମ୍ପରିକ ମିଠା ଆଜିବି ଜାତୀୟ ସ୍ୱୀକୃତି ପାଇଁ ଅପେକ୍ଷାରତ।

ପ୍ରଶାସନିକ ଭାବେ ନିମାପଡ଼ା ଆଜି ବିଭକ୍ତ। ଗୋପ ବ୍ଲକ୍ ତିନିଟି ନିର୍ବାଚନ ମଣ୍ଡଳୀରେ ଭାଗ ହୋଇଥିବାରୁ ଦାୟିତ୍ୱ କାହାର ସ୍ପଷ୍ଟ ନୁହେଁ। ଅନେକ ନେତା ଅଛନ୍ତି, କିନ୍ତୁ ଏକ ସମନ୍ୱିତ ନେତୃତ୍ୱ ନାହିଁ।

ସବୁଠାରୁ ଚିନ୍ତାଜନକ କଥା ହେଉଛି ଛାତ୍ର ଓ ଯୁବ ନେତୃତ୍ୱର ଶୂନ୍ୟତା। ସତ୍ୟ କଥା କହୁଥିବା ଓ ଲୋକଙ୍କ ପାଇଁ ଲଢ଼ିବାକୁ ଚାହୁଁଥିବା ଯୁବକମାନେ ଆଗକୁ ଆସିବାକୁ ନିରୁତ୍ସାହିତ। ଏହା ଏକ ଅସୁସ୍ଥ ରାଜନୈତିକ ସଂସ୍କୃତିର ପରିଣାମ। ତଥାପି, ନିମାପଡ଼ାର ଜନତା ସଚେତନ। ଟଙ୍କା, ମଦ କିମ୍ବା ମାଂସ ଏଠାରେ ଦୀର୍ଘକାଳୀନ ରାଜନୀତିର ମୂଳଧନ ହୋଇପାରେ ନାହିଁ। ଏହା ସଂଗ୍ରାମୀ ମାଟି ଯେଉଁଠାରେ ଶେଷ ରାୟ ଜନତା ଦିଏ।

ଆଜି ଆବଶ୍ୟକ ନୀତିକେନ୍ଦ୍ରିକ, ସେବାମୂଳକ ଓ ଯୁବନେତୃତ୍ୱ ଭିତ୍ତିକ ନୂଆ ରାଜନୈତିକ ଚିନ୍ତାଧାରା। ଯଦି ଯୁବମାନେ ଆଗକୁ ଆସନ୍ତି, ନିମାପଡ଼ା ନିଶ୍ଚୟ ଏକ ମଡେଲ୍ ନିର୍ବାଚନ ମଣ୍ଡଳୀ ହୋଇପାରିବ। ନହେଲେ ନେତା ଶୂନ୍ୟ ରାଜନୀତି ଏହି ଅଞ୍ଚଳକୁ ଆଉ କିଛି ବର୍ଷ ପଛକୁ ଟାଣିନେବ।

**ରାଜ୍ୟ ସମ୍ପାଦକ**
**ବିଜେପି କୃଷକ ମୋର୍ଚ୍ଚା, ଓଡ଼ିଶା**
**୨୧ ଡିସେମ୍ବର ୨୦୨୫**




# ୨-୫ ରାଜନୀତି



**ପଚିଶ' କାହାକୁ ପକେଇଛି ତ କାହାକୁ ଉଠେଇଛି । କାହା ସ୍ୱପ୍ନ ପୂରଣ ହୋଇଛି ତ ଆଉ କାହା ପାହାନ୍ତିଆ ସପନରେ ପାଣି ପୂରାଇ ଦେଇଛି । କିଛି ଅହମିକାକୁ ସହିଛି, ଆଉ ଅନେକ ଅହଙ୍କାରୀକୁ ଇତିହାସର କରାଳ ଗର୍ଭ ଭିତରକୁ ଫିଙ୍ଗି ଦେଇଛି । କିଏ କଥା କହି ଚର୍ଚ୍ଚାରେ ରହିଛି ତ ଆଉ କାହାର ନୀରବତା ବି ଅନେକ ବାର୍ତ୍ତା ଦେଇଛି । ଏସବୁକୁ ଗୋଳେଇ ମିଶେଇ ପଚିଶ'ର ସ୍ମୃତିକୁ ଆମେ ପରଶି ଦେଇଛୁ । ଜାନୁଆରୀରୁ ଡିସେମ୍ବର ଯାଏଁ ଅନେକ ଘଟଣା ଘଟିଥିଲେ ବି ଆମର ସଂକ୍ଷିପ୍ତ କଳେବରରେ ସବୁ ସ୍ଥାନ ପାଇପାରିନାହିଁ । ଆମକୁ ଭଲ ଲାଗିଥିବା କିଛି ନେତା, ଘଟଣାବଳୀକୁ ଆମେ ସ୍ଥାନିତ କରିଛୁ ।**

## ଅରୁଣ ସାହୁ



ବିଜେଡ଼ିର ଟାଣୁଆ ବିଧାୟକ ଅରୁଣ ସାହୁଙ୍କ ପରିବର୍ତ୍ତିତ ଆଭିମୁଖ୍ୟ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟିକରିବା ସହ ବିଜେଡ଼ି ଶିବିରରେ ଆଲୋଡ଼ନ ସୃଷ୍ଟି କରିଥିଲା । କେବେ ଗାନ୍ଧୀ ବିଚାର ପ୍ରସଙ୍ଗରେ ହେଉ ଅବା କେବେ ବିଭିନ୍ନ ନାଗରିକ ମଞ୍ଚକୁ ସମ୍ବୋଧିତ କରିବା ବେଳେ ହେଉ, ଅରୁଣ ଏଭଳି ମନ୍ତବ୍ୟ ଦେଇଥିଲେ ଯାହାକି ବିଜେଡ଼ିର ସର୍ବେସର୍ବା ବୋଲାଉଥିବା ଭିକେ ପାଣ୍ଡିଆନଙ୍କ ଦେହରେ ଟାଇଁଟାଇଁ ବାଜିଥିଲା । ବିଜେଡ଼ିରେ ଅରୁଣଙ୍କ ଭଳି ନେତାଙ୍କୁ କୋଣଠେସା କରିବା ଘଟଣାକୁ ନେଇ ବି ବେଶ୍ ଚର୍ଚ୍ଚା ହୋଇଥିଲା । ଗାଏମୋଟ୍ କହିଲେ ଅରୁଣ ଆଉ ପୂର୍ବଭଳି ଦଳୀୟ ଢାଞ୍ଚାରେ ନଯାଇ ଆଦର୍ଶଗତ ମନ୍ତବ୍ୟ ଦେଇ ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ମନ ଜିଣିପାରିଥିଲେ । ଯାହାକି ତାଙ୍କ ଫେସବୁକ ପୋଷ୍ଟରୁ ସ୍ୱଷ୍ଟ ବାରି ହୋଇ ପଡ଼ିଥିଲା ।



## ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପରାସ୍ତ କରିବା ହେଉକି, ପ୍ୟାରୀମୋହନ ମହାପାତ୍ରଙ୍କ ଷଡ଼ଯନ୍ତ୍ରକୁ ଭେଦ କରି ବାଜିମାତ୍ କରିବା ହେଉ, ଅନେକ ସମୟରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚର୍ଚ୍ଚାରେ ରହିଥିଲେ । ଏବର୍ଷ ବି ରଣେନ୍ଦ୍ର ଦଳୀୟ ପ୍ରସଙ୍ଗରେ ହେଉକି ସରକାରଙ୍କ ପ୍ରସଙ୍ଗରେ ନିଜର ସ୍ୱଷ୍ଟ ମତ ରଖିଥିଲେ । ବିଜେଡ଼ିର ମାମଲତକାରମାନଙ୍କୁ ରଣେନ୍ଦ୍ରଙ୍କ କଟାକ୍ଷ ବି ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ଶାଣିତ ଓଡ଼ିଆ

# ଚର୍ଚ୍ଚିତ ବିଧାୟକ

## ଜୟ ଢୋଲକିଆ



ନୂଆପଡ଼ା ଉପନିର୍ବାଚନରେ ୮୩୭୪୮ ଭୋଟରେ ଜିଣି ଚର୍ଚ୍ଚା ସୃଷ୍ଟି କରିଥିଲେ ଜୟ ଢୋଲକିଆ। ବିଜେଡ଼ିରୁ ଯାଇ ବିଜେପିରେ ମିଶିବା ଠାରୁ ନେଇ ନୂଆପଡ଼ା ନିର୍ବାଚନ ପ୍ରଚାର ଯାଏଁ ଜୟ ବର୍ଷ ଶେଷ ଆଡ଼କୁ ଢ଼େର ଚର୍ଚ୍ଚାରେ ରହିଥିଲେ। ଚଳିତ ବିଧାନସଭାରେ ସେ ସବୁଠାରୁ ଅଧିକ ଭୋଟରେ ଜିଣିଥିବା ବିଧାୟକ ଭାବେ ପରିଗଣିତ ହୋଇଛନ୍ତି। ବିଜେପି ସରକାର ପାଇଁ ଏହା ପ୍ରଥମ ଉପନିର୍ବାଚନ ସଫଳତା ହୋଇଥିବାବେଳେ ବିଜେଡ଼ି ତୃତୀୟ ସ୍ଥାନରେ ରହି ଅଲୋଡ଼ା ରେକର୍ଡ଼ କରିଥିଲା।

## ଲିଙ୍କୁ ସାହୁ



ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ ବର୍ଷ ଶେଷ ଆଡ଼କୁ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଥିଲେ । ବିଶେଷକରି ନୂଆପଡ଼ା ଉପନିର୍ବାଚନ ବେଳ ଠାରୁ ତାଙ୍କୁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ପାୱାରଫୁଲ୍ ବିଧାୟକ ଭାବେ ଅଭିହିତ କରାଯାଇଥିଲା । ସେହିପରି ଧର୍ମଶାଳାରେ ବିଜେଡ଼ିକୁ ପୋଚିଂ କରି ବିଜେପିରେ ମିଶାଇଦେବା ହେଉ ଅବା ପ୍ରଣବ ବଳବନ୍ତରାୟଙ୍କ ସହ ଲଢ଼େଇ ହେଉ, ସେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲେ ।

## ଲକ୍ଷ୍ମଣ ମୁଣ୍ଡା



ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ଏହାକୁ ନେଇ ଜନ ଅସେନ୍ତାଷ ପ୍ରକାଶ ପାଇଥିବାବେଳେ ସିପିଏମର ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏକମାତ୍ର ବିଧାୟକ ଭାବେ ଦରମା ବୃଦ୍ଧିକୁ ବିରୋଧ କରିଥିଲେ। ଯଦିଓ ସେ ବର୍ଦ୍ଧିତ ଟଙ୍କା ନେବେକି ନାହିଁ କହିନଥିଲେ ତଥାପିବି ଲୋକଙ୍କ ଆଖିରେ ସେ ବେଶ୍ କିଛିଦିନ ପାଇଁ ହିରୋ ଓ ଉଦାହରଣ ପାଲଟି ଯାଇଥିଲେ।

## ଟଙ୍କଧର ତ୍ରିପାଠୀ



ବିଧାନସଭାରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କୁ ଶାଣିତ ଆକ୍ରମଣ କରି ଚର୍ଚ୍ଚାରେ ରହିଥିଲେ। ପ୍ରତି ପ୍ରସଙ୍ଗରେ ସେ ବିରୋଧୀଙ୍କୁ ଜୋରଦାର ଜବାବ ଦେଇଥିଲେ। ପ୍ରଥମ ଥର ବିଧାନସଭା ଆସିଥିଲେବି ତାଙ୍କର ପ୍ରଦର୍ଶନ ବେଶ୍ ଚମତ୍କାର ରହିଥିଲା। ସେହିପରି ଦୀପାଳି ଦାସଙ୍କ ସହ ବାକ୍ଯୁଦ୍ଧ ବି ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା ।

## ସନ୍ତୋଷ ଖଟୁଆ



ବିଜେଡ଼ି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହରାୟଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଥିଲେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ। ଯାହାକୁ ନେଇ ବିଜେଡ଼ି ଆନ୍ଦୋଳନ କରିବା ସହ ଦିଲ୍ଲୀ ପର୍ଯ୍ୟନ୍ତ ବି କଥା ଲମ୍ବିଥିଲା। ସେହିପରି ବିଧାନସଭାରେ ଗାନ୍ଧୀଙ୍କ ପ୍ରସଙ୍ଗରେ ଏକ ବିବାଦୀୟ ମନ୍ତବ୍ୟ ଦେବାରୁ ଗୃହରେ ଝଡ଼ ସୃଷ୍ଟି ହୋଇଥିଲା। ଦେଶ ବିଭାଜନ ପାଇଁ ସେ ଦାୟୀ ବୋଲି କହିବାରୁ ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ମିଳିତ ପ୍ରତିବାଦ କରି ଗୃହ ବାହାରେ ଧାରଣା ଦେଇଥିଲେ।

## ଅରବିନ୍ଦ ମହାପାତ୍ର



ବିଜୟ ମହାପାତ୍ରଙ୍କ ତୁଣ୍ଡ ଫିଟିଲେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ହେବା ନିଶ୍ଚିତ । ବାପ୍‌ସେ ବେଟା ଜ୍ୟାଦା ଭଳି ଏଥର ବିଜୟଙ୍କ ପୁଅ ଅରବିନ୍ଦ ବି ବିଧାନସଭାରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲେ। ଶାସକ ବିଜେପିକୁ ତାଙ୍କର କଟାକ୍ଷ ରାଜନୀତିକ ଅଳିନ୍ଦରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା । ବିଜୟଙ୍କ ଭଳି ସେ ବି ନିଜ ଆଦର୍ଶରେ ଅଟଳ ରହିବା ସହ ପ୍ରତି ପ୍ରସଙ୍ଗରେ ବିଜେପି ସରକାରଙ୍କୁ ପିନ୍ ମାରିବାରେ ସଫଳ ହୋଇଥିଲେ ।

# ମଙ୍ଗ ଧରିଲେ...

## ଭକ୍ତଙ୍କ ଉପରେ ରାହୁଲଙ୍କ ଆସ୍ଥା



ଚବିଶ ନିର୍ବାଚନ ଫଳାଫଳର କିଛି ମାସ ପରେ ପିସିସିକୁ ଭାଙ୍ଗି ଦିଆଯାଇଥିଲା। ଅନେକ ଦିନ ଧରି ପିସିସି ସଭାପତି ନିଯୁକ୍ତି କରିନଥିଲେ ଏଆଇସିସି। ୨୦୨୫ ଫେବୃଆରୀ ୧୧ରେ ଭକ୍ତ ଚରଣ ଦାସଙ୍କୁ ପିସିସି ସଭାପତି ଭାବେ ନିଯୁକ୍ତି ମିଳିଥିଲା। ଭକ୍ତଙ୍କର ଦୀର୍ଘଦିନର ଆଶା ପୂରଣ ହୋଇଥିଲା। ଜନତା ଦଳରୁ କ୍ୟାରିୟର ଆରମ୍ଭ କରିଥିଲେବି ଭକ୍ତ କଂଗ୍ରେସର ମଙ୍ଗ ଧରିବା ଛୋଟିଆ କଥା ନଥିଲା। ଏମିତିବି ମାତ୍ର ୨୭ ବର୍ଷ ବୟସରେ ବିଧାୟକ, ୩୧ ବର୍ଷ ବୟସରେ ସାଂସଦ ଓ ୩୩ ବର୍ଷ ବୟସରେ କେନ୍ଦ୍ରମନ୍ତ୍ରୀ ହେବାର ସେ ସୌଭାଗ୍ୟ ପାଇଥିଲେ। ଥରେ ବିଧାୟକ ଓ ତିନିଥର ସାଂସଦ ହୋଇଥିବା ଭକ୍ତ କଂଗ୍ରେସକୁ ସଜାଡ଼ିବେ ବୋଲି ଆଶା କରାଯାଉଥିଲା। ବର୍ଷ ପ୍ରାରମ୍ଭରୁ କଂଗ୍ରେସ ନେତାଙ୍କ ମନରେ ଯୋଶ୍ ଥିଲା। ଏକାଠି ବସି ରଣନୀତି କରୁଥିଲେ। ହେଲେ ନୂଆପଡ଼ା ଉପନିର୍ବାଚନ ବେଳେ ସବୁ ଗୋଲମାଲ ହୋଇଗଲା। ବର୍ଷ ଶେଷ ଯାଏଁ କଂଗ୍ରେସ ପାଣି ଗୋଳିଆ ରହିଥିଲା। ଦେଖାଯାଉ ଛବିଶ'ରେ ଭକ୍ତବାବୁ କଂଗ୍ରେସ ଗୋଳିଆ ପାଣିକୁ ସଫା କରିପାରୁଛନ୍ତି କି ନାହିଁ ?


## ମନମୋହନଙ୍କ ଉପରେ ଭରସା



କିଏ ହେବେ ରାଜ୍ୟ ବିଜେପି ସଭାପତି ? ଚଳିତ ବର୍ଷ ଆରମ୍ଭରୁ ରାଜନୀତିକ ଅଳିନ୍ଦରେ ଏଭଳି ଚର୍ଚ୍ଚା ହେଉଥିଲା। ଅନେକଙ୍କ ନାମ ଚର୍ଚ୍ଚାରେ ଥିଲେବି ପୁଣି କେନ୍ଦ୍ରୀୟ ନେତୃତ୍ୱ ମନମୋହନ ସାମଲଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ। ବିଜେପିରେ ତାଙ୍କୁ ଲକି ମାସ୍କଟ ବୋଲି କୁହାଯାଉଛି। ୨୦୦୦ରେ ଦଳ ବିଜେଡ଼ି ସହ ମେଣ୍ଟ ସରକାର କରିଥିବାବେଳେ ସେ ଥିଲେ ରାଜ୍ୟ ବିଜେପି ସଭାପତି। ସେହିପରି ୨୦୦୪ରେ ପୁଣି ବିଜେପି କ୍ଷମତାକୁ ଆସିଥିବାବେଳେ ମନମୋହନ ହିଁ ବିଜେପିର ମଙ୍ଗ ଧରିଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ମନମୋହନ ପୁଣି ବିଜେପି ସଭାପତି ହୋଇଥିବାବେଳେ ଦଳ ଏକାକୀ ସରକାର ଗଠନ କରି ରେକର୍ଡ଼ ସୃଷ୍ଟି କରିଛି । ନିର୍ବାଚନୀ ରାଜନୀତିରେ ବ୍ୟକ୍ତିଗତ ଭାବେ ବହୁବାର ବିଫଳ ହୋଇଥିବା ମନମୋହନ କିନ୍ତୁ ଦଳକୁ ସଫଳ କରିପାରିଛନ୍ତି। ୨୦୦୪ରେ ସେ ପ୍ରଥମ ଥର ବିଧାୟକ ହେବା ସହ ନବୀନଙ୍କ ସରକାରରେ ମନ୍ତ୍ରୀ ରହିଥିଲେ। ପରେ ସେ ରାଜ୍ୟସଭାର ସାଂସଦ ହେବାର ବି ସୌଭାଗ୍ୟ ପାଇଛନ୍ତି।

# ହାତରେ ହାତ ଛନ୍ଦା

## ପିନାକୀ-ମହୁଆ



ଏହା ଥିଲା ଏବର୍ଷର ଚର୍ଚ୍ଚିତ ବିବାହ । ପୂର୍ବତନ ସାଂସଦ ପିନାକୀ ମିଶ୍ର ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ରଙ୍କ ହାତ ଧରିଥିଲେ । ବୟସର ଅପରାହ୍ନରେ ପିନାକୀ ଓ ମହୁଆଙ୍କ ବିବାହ ଖାଲି ଓଡ଼ିଶା ନୁହେଁ ସାରା ଦେଶରେ ବି ଚର୍ଚ୍ଚା ସୃଷ୍ଟି କରିଥିଲା । ଉଭୟ ଜର୍ମାନୀର ବର୍ଲିନରେ ବିବାହ କରିଥିଲେ ।

## ଅନୁଭବ-ଜାଗୃତି



ବର୍ଷାଙ୍କୁ ଛାଡ଼ପତ୍ର ଦେବା ପରେ ସାମ୍ବାଦିକା ଜାଗୃତି ଶୁକ୍ଳାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ନେତା ତଥା ଅଭିନେତା ଅନୁଭବ ମହାନ୍ତି । ଜାଗୃତି ଲୋକସଭା ଟିଭି ସହ ଅନ୍ୟ ଚ୍ୟାନେଲରେ ସାମ୍ବାଦିକା ଭାବେ କାର୍ଯ୍ୟ କରୁଥିଲେ । ସେ କେତେକ ପୁସ୍ତକ ବି ରଚନା କରିଛନ୍ତି । ଅନୁଭବ କେନ୍ଦ୍ରାପଡ଼ାର ସାଂସଦ ହେବା ପରେ ଜାଗୃତିଙ୍କ ପ୍ରେମରେ ପଡ଼ିଥିଲେ । ଉଭୟ ଏହାକୁ ଗୋପନ ରଖିଥିଲେବି ଶେଷରେ ହାତରେ ହାତ ଛନ୍ଦିଥିଲେ ।

## ଶାରଦା-ସିପ୍ରା



ମାହାଙ୍ଗାର ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ନିଜର ବାନ୍ଧବୀ ତଥା ପ୍ରଶାସନିକ ଅଧିକାରିଣୀ ସିପ୍ରା ପ୍ରିୟଦର୍ଶିନୀ ବଳଙ୍କୁ ବିବାହ କରିଥିଲେ । ରାଜସ୍ଥାନରେ ଆୟୋଜିତ ବିବାହ ଉତ୍ସବରେ ଉଭୟ ପକ୍ଷର ପରିବାର ଓ ଆତ୍ମୀୟସ୍ୱଜନମାନେ ହିଁ ଉପସ୍ଥିତ ଥିଲେ ।

## ପ୍ରଦୀପ-ସୁଶ୍ରୀ ସଂଗୀତା



ପୂର୍ବତନ ସାଂସଦ ତଥା ବିଜେଡ଼ି ନେତା ପ୍ରଦୀପ ମାଝୀ ନିଜର ଦୀର୍ଘଦିନର ବାନ୍ଧବୀ ସୁଶ୍ରୀ ସଂଗୀତାଙ୍କୁ ବିବାହ କରିଥିଲେ । ଗୋଆରେ ନିଜର ପରିବାର, ନିକଟତମ ସମ୍ପର୍କୀୟ ଓ ବନ୍ଧୁମାନଙ୍କ ଗହଣରେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଥିଲା । ସୁଶ୍ରୀ ସଂଗୀତା ସାମ୍ବାଦିକତାରେ ଏମଏ କରିବା ସହ ଟିଭି ଓ ଖବରକାଗଜରେ ସାମ୍ବାଦିକତା କରୁଥିଲେ ।

# ଚର୍ଚ୍ଚିତ ଡାଇଲଗ୍

## ଯୋଡ଼ାକୁ ଘୋଡ଼ା ସରି ନୁହଁ

ଜୁଲାଇ ମାସରେ ମନମୋହନ ସାମଲ ବିଜେପିର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନେଲେ । ସେହି ସମୟରେ ଆୟୋଜିତ ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଯୋଡ଼ାକୁ ଘୋଡ଼ା ସରି ନୁହେଁ । ଏହାକୁ ନେଇ ରାଜନୀତିକ ମହଲରେ ଜୋରଦାର ଚର୍ଚ୍ଚା ହୋଇଥିଲା । କିଏ ଘୋଡ଼ା, କାହାକୁ ଇଙ୍ଗିତ କରି ମୋହନ ଏଭଳି କହିଲେ ବୋଲି ଚର୍ଚ୍ଚା ହେବା ସ୍ୱାଭାବିକ । ତେବେ ସମସ୍ତେ ଘୋଡ଼ା ମାନେ ଧର୍ମେନ୍ଦ୍ରଙ୍କୁ ବୁଝିଥିଲା ବେଳେ ଯୋଡ଼ା ମାନେ ମୋହନ-ମନମୋହନଙ୍କୁ ହିଁ ବୁଝିଥିଲେ । ଅବଶ୍ୟ ବିଜେପିର କେତେକ ନେତା କଥା ବାଆଁରେଇବା ପାଇଁ ବିଜେଡ଼ି ଓ କଂଗ୍ରେସ ପ୍ରତି ଏହା ଉଦ୍ଦିଷ୍ଟ ଥିଲା ବୋଲି କହିଥିଲେ ।



## ଆଇ ଆମ ଡାଉନ୍, ବଟ୍ ନଟଆଉଟ୍

ଅଗଷ୍ଟ ମାସର କଥା । ନବୀନ ବାବୁ ସମ ଅଲଟିମେଟ୍‌ରେ ଆଡ଼ମିଟ୍ ହୋଇଥା'ନ୍ତି । ତେଣୁ ସ୍ୱାଭାବିକ ଭାବେ ହସପିଟାଲକୁ ନେତାଙ୍କ ସୁଅ ଛୁଟିଥିଲା । ସେ ସମୟରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ? ନବୀନ ବାବୁଙ୍କର କ'ଣ ହୋଇଛି ଓ କେତେଦିନ ହେଲା ହୋଇଥିଲା, କାହିଁକି ଲୁଚା ଯାଇଥିଲା, ଏମିତି ଅନେକ । ହେଲେ ଡରରେ କେହି ପଚାରି ପାରୁନଥିଲେ । କିନ୍ତୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଡରିଯିବା କି ଦବିଯିବା ନେତା ନଥିଲେ । ସିଧାସିଧା ସୁଜାତା କାର୍ତ୍ତିକେୟନଙ୍କୁ ଏନେଇ ପଚାରିବା ସହ ବେଶ୍ ଦିପଦ କଡ଼ାକଥା ଶୁଣାଇଥିଲେ । ଏକଥା ଜାଣିବା ପରେ ରାଗିପାଚି ଲାଲ ହୋଇଯାଇଥିଲେ ପାଣ୍ଡିଆନ୍ । ଆଉ ଚେତାବନୀ ଢଙ୍ଗରେ କହିଥିଲେ, ଆଇ ଆମ ଡାଉନ୍, ବଟ୍ ନଟଆଉଟ୍ । ଯାହାକୁ ନେଇ କିଛିଦିନ ଚର୍ଚ୍ଚା ବି ହୋଇଥିଲା ।



## ଗାଣ୍ଡୁ

ନୂଆପଡ଼ା ଉପନିର୍ବାଚନ ପ୍ରଚାର ବେଳେ ଗାଣ୍ଡୁ ଶବ୍ଦକୁ ନେଇ ବେଶ୍ ରୋଚକ ଚର୍ଚ୍ଚା ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଷଣ ଦେବାବେଳେ ପାଣ୍ଡୁ ଗାଣ୍ଡୁ କଥା କହି ଦେଇଥିଲେ । ତେବେ ହିନ୍ଦୀରେ ଗାଣ୍ଡୁ ଏକ ଅଶ୍ଳୀଳ ଶବ୍ଦ ହୋଇଥିବାରୁ ତାହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା । ଯଦିଓ ଓଡ଼ିଆରେ ଗବଗାଣ୍ଡୁ ଭଳି ଶବ୍ଦ ବି ବ୍ୟବହାର ହୋଇଥାଏ । ଗାଁ ଗହଳିରେ ଅନେକଙ୍କ ଡାକ ନାମ ଗାଣ୍ଡୁଆ ବା ଗାଣ୍ଡୁ ବି ରହିଛି । ବିଜେଡ଼ି-ବିଜେପି ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ବି ଲାଗିଥିଲା । ଅନୁରୂପ ଭାବେ ବିଜେଡ଼ି ନେତା ମନ୍ମଥ ରାଉତରାୟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଏଭଳି ଶବ୍ଦ ପ୍ରୟୋଗ କରିବାରୁ ତାଙ୍କ ନାମରେ ମାମଲା ବି ହୋଇଛି । ଯାହାକୁ ନେଇ ବି ଉଭୟ ଦଳ ମୁହାଁମୁହିଁ ହୋଇଥିଲେ ।





## ମୋଦିଙ୍କ ଘନଘନ ଗସ୍ତ

ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁବାର ଓଡ଼ିଶା ଆସିଥିଲେ । ଜାନୁଆରୀରେ ଅନୁଷ୍ଠିତ ପ୍ରବାସୀ ଭାରତ ଦିବସ, ଉତ୍କର୍ଷ ଓଡ଼ିଶା-ମେକ ଇନ୍ ଓଡ଼ିଶା ସମାବେଶରେ ଯୋଗଦେଇଥିଲେ । ଏହାଛଡ଼ା ଜୁନ୍‌ରେ ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ସେପ୍ଟେମ୍ବରରେ ଝାରସୁଗୁଡ଼ା ବି ଆସିଥିଲେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ବର୍ଷ ତମାମ ବିଜେପି ଶିବିର ଚଳଚଞ୍ଚଳ ରହିଥିଲା ।

## ଓଡ଼ିଶାରେ ରାହୁଲ ଓ ଖଡ଼ଗେ



ଜୁଲାଇ ୧୧ରେ ହୋଇଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଯୋଗ ଦେଇଥିଲେ । ଯାହାକି ଓଡ଼ିଶା କଂଗ୍ରେସକୁ ଚଳଚଞ୍ଚଳ କରିଦେଇଥିଲା ।

## ଧର୍ମେନ୍ଦ୍ରଙ୍କ ପାୱାରଶୋ'

ରାଜ୍ୟ ବିଜେପିରେ ଚାଲିଥିବା ଛକାପଞ୍ଝା ଭିତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାୱାର ଶୋ' କରିଥିଲେ । ବିହାର ନିର୍ବାଚନ ପ୍ରଭାରୀ ଥିବାରୁ ବିଜେପିର ବାଜିମାତ୍ ପରେ ତାଙ୍କୁ ସମର୍ଥକମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଭୁବନେଶ୍ୱର ସମେତ ଭଦ୍ରକ ଓ ଝାରସୁଗୁଡ଼ା ଭଳି ଅନେକ ସ୍ଥାନରେ ଧର୍ମେନ୍ଦ୍ରଙ୍କୁ ହଜାର ହଜାର ଲୋକ ସ୍ୱାଗତ କରିଥିଲେ । ଯାହାକି ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା ।





## ବିଜେଡ଼ିରେ 'ୱାକଫ' ଝଡ଼

୨୦୧୯ରୁ ୨୦୨୪ । ଏହି କାଳଖଣ୍ଡରେ ବିଜେଡ଼ି ଓ ବିଜେପି ମଧ୍ୟରେ ଏକ ଭିତିରିଆ ବୁଝାମଣା ଥିବା ସ୍ପଷ୍ଟ ବାରି ହେଉଥିଲା । ୨୦୨୪ ନିର୍ବାଚନ ବେଳେ ମେଣ୍ଟ ଚର୍ଚ୍ଚା ଏହାକୁ ପ୍ରମାଣିତ କରିଥିଲା । ତେବେ ଚବିଶରେ ହାରିବା ପରେ ବିଜେପି ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେବାକୁ ଦଳର ଅନେକ ବିଧାୟକ ଓ ପୂର୍ବତନ ବିଧାୟକ ଚାହୁଁଥିଲେ । କିନ୍ତୁ ବିଜେପି ପ୍ରତି ଭିକେ ପାଣ୍ଡିଆନଙ୍କ ସଫ୍ଟକର୍ଣ୍ଣରକୁ ନେଇ ଦଳରେ ତୀବ୍ର ଅସନ୍ତୋଷ ପରିଲକ୍ଷିତ ହେଉଥିଲା । ତେବେ ୱାକଫ ବିଲ୍ ଭୋଟିଂ ସମୟରେ ଏହି ଅସନ୍ତୋଷ ବହ୍ନିର ରୂପ ନେଇଥିଲା । ନବୀନ ବାବୁ ପୂର୍ବରୁ ବିଲ୍ ବିରୋଧରେ ଭୋଟ୍ ଦେବାକୁ କହିଥିଲେବି ଠିକ୍ ଭୋଟିଂ ସମୟରେ ସାଂସଦମାନଙ୍କୁ ବିବେକାନୁମୋଦିତ ଭୋଟ୍ ଦେବାକୁ କୁହାଗଲା । ଏଥିରେ ପାଣ୍ଡିଆନଙ୍କ ହାତ ଥିବା ଅନୁମାନ କରି ଅନେକ ବିଜେଡ଼ି ନେତା ବର୍ଷିଥିଲେ । ନବୀନ ନିବାସରେ ବୈଠକ ବି ବସିଲା । ସ୍ଥିତି ଏମିତି ହୋଇଥିଲାଯେ, ଏହା ମୋ ନିଷ୍ପତ୍ତି ବୋଲି ନବୀନ କହିବାକୁ ବାଧ୍ୟ ହୋଇଥିଲେ । ୱାକଫ ଭୋଟିଂ ବେଳେ ସାଂସଦ ମୁନ୍ନା ଖାଁଙ୍କୁ ଛାଡ଼ିଦେଲେ ବାକି ସସ୍ମିତ ପାତ୍ର, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି ଓ ମାନସ ମଙ୍ଗରାଜ ପ୍ରମୁଖ ସପକ୍ଷରେ ଭୋଟ୍ ଦେଇଥିଲେ । ଅପରପକ୍ଷରେ ଦେବାଶିଷ ସାମନ୍ତରାୟ ଭୋଟଦାନରୁ ବିରତ ରହିଥିଲେ । ଅବଶ୍ୟ ଉପରାଷ୍ଟ୍ରପତି ନିର୍ବାଚନରେ ଦଳ ମତଦାନରୁ ବିରତ ରହି ପରୋକ୍ଷରେ ଏନଡ଼ିଏ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲା କହିଲେ ଭୁଲ୍ ହେବନାହିଁ ।






## ଭାସ୍କର ଓ ମୋକିମ୍

ରାୟଗଡ଼ାର ଟାଣୁଆ ନେତା ଏନ ଭାସ୍କର ରାଓ ବିଜେଡ଼ି ଛାଡ଼ିଥିବାବେଳେ ମହମ୍ମଦ ମୋକିମଙ୍କୁ କଂଗ୍ରେସ ବହିଷ୍କାର କରିଥିଲା । ଏମାନଙ୍କ ବ୍ୟତୀତ ଶ୍ରୀମୟୀ ମିଶ୍ର, ପ୍ରଫୁଲ୍ଲ ମଲ୍ଲିକଙ୍କ ଭଳି ନେତାଙ୍କୁ ବି ବିଜେଡ଼ି ବିଦା କରିଥିଲା । ୨୦୨୫ରେ ତିନି ଦଳ ଅନେକଙ୍କୁ ନିଲମ୍ବନ କରିଥିଲେବି ଏମାନେ ହିଁ ବେଶୀ ଚର୍ଚ୍ଚାରେ ରହିଥିଲେ ।

## ନେତା ଗିରଫ

ବ୍ରହ୍ମପୁରର ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଗିରଫ ହୋଇଥିଲେ ପୂର୍ବତନ ବିଜେଡ଼ି ବିଧାୟକ ବିକ୍ରମ ପଣ୍ଡା । ଯାହାକି ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା । ସେହିପରି ଭୁବନେଶ୍ୱରର ଦୁଇ ଟାଣୁଆ ନେତା ଜଗନ୍ନାଥ ପ୍ରଧାନ ଓ ଅମରେଶ ଜେନା ବି ଭିନ୍ନଭିନ୍ନ ମାମଲାରେ ଗିରଫ ହୋଇ ଜାମିନ୍‌ରେ ଆସିଥିଲେ । ଏହାଛଡ଼ା ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ, ଯୁବନେତା ଇତିଶ୍ ପ୍ରଧାନ ମଧ୍ୟ ଗିରଫ ହୋଇଥିଲେ । ନିମାପଡ଼ାର ବିଜେଡ଼ି ନେତା ଦିଲ୍ଲୀପ ନାୟକଙ୍କୁ ଏକ ଠକେଇ ମାମଲାରେ ବି ଗିରଫ କରାଯାଇଥିଲା ।







# ପବ୍ଲିକ୍ ପାୱାର ଦରମା ପୁନର୍ବିଚାର




ଦରମା ମିଳିନି। ଏରିୟର ଆସିନି। ହେଲେ ଏତେ ମିଳିବ ସେତେ ଆସିବ ଭାବି ଅନେକ ବିଧାୟକ ଓ ବିଧାୟିକା ମନେମନେ ଖୁସି ହୋଇ ଯାଇଥିଲେ ।ପୂର୍ବତନ ବିଧାୟକମାନେ ବି ମୋଟା ପେନସନ ପାଇବା ଆଶାରେ କୁରୁଳି ଉଠିଥିଲେ ।ଅବଶ୍ୟ ସିପିଏମ ନେତା ଲକ୍ଷ୍ମଣ ମୁଣ୍ଡା ଏକମାତ୍ର ବିଧାୟକ ଭାବେ ଦରମା ବୃଦ୍ଧିକୁ ବିରୋଧ କରିଥିଲେ। ହେଲେ ନେବେ ନା ନେବେନି ସେନେଇ ମୁହଁ ଖୋଲିନଥିଲେ ।ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଜନ ଅସନ୍ତୋଷକୁ ଲକ୍ଷ୍ୟ କରି ତାଙ୍କର ବର୍ଦ୍ଧିତ ଦରମା ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଦେଲେ।

ସେପଟେ କିନ୍ତୁ ମିଡ଼ିଆ ହେଉକି ସୋସିଆଲ ମିଡ଼ିଆରେ ଲୋକଙ୍କ ଗର୍ଜନ ତର୍ଜନକୁ ଚିରାଚରିତ ଢଙ୍ଗରେ ଫୁ' କରିଦେଇଥିଲେ ନେତାଏ। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ତ ଚା' ଖର୍ଚ୍ଚର ହିସାବ ଦେଇକି ତାଜୁବ୍ କରିଦେଲେ। ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଆମ ହିସାବ ଦେଖିଲେ ଆଉ ଅଧିକା ମିଳିବା ଦରକାର ବୋଲି କହିବାକୁ ପଛାଇଲେନି। ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା ତ କିଭଳି ଧାର କରଜ କରି ଚଳୁଛନ୍ତି ସେକଥା ବି କହିଦେଲେ। ଗାଏମୋଟ୍ କହିଲେ ବର୍ଦ୍ଧିତ ଦରମାକୁ ନେଇ ସମସ୍ତଙ୍କ ମନ ସିନା ଖୁସିଥିଲା, ହେଲେ ସାଧାରଣ ଜନତା କିନ୍ତୁ ଅସୁଖୀ ଥିଲେ। ନେତାମାନେ ଭାବିଥିଲେ କିଛିଦିନ ଲୋକମାନେ ଚର୍ଚ୍ଚା କରିବେ, ପୁଣି ନୂଆ ପ୍ରସଙ୍ଗ ଆସିଲେ ଲୋକେ ଭୁଲିଯିବେ। ହେଲେ ନେତାଙ୍କ ଆକଳନ ଭୁଲ ହୋଇଯାଇଥିଲା।

ନବୀନଙ୍କ ଦରମା ଫେରସ୍ତକୁ ନେଇ ହେଉଥିବା ଚର୍ଚ୍ଚା ଦିନେ ଦୁଇଦିନରେ ଚପି ଯାଇଥିଲା। ହେଲେ ବିଜେପି ସରକାର ଦରମା ବୃଦ୍ଧିକୁ ନେଇ ଅକଳରେ ପଡ଼ିଥିବାବେଳେ ଦିଲ୍ଲୀରେ ବି ଏହାକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା। ବିଧାୟକଙ୍କ ଦରମାରେ ଓଡ଼ିଶା ଦେଶରେ ନମ୍ବର ୱାନ୍ ହୋଇଥିବାରୁ ଜାତୀୟ ଗଣମାଧ୍ୟମରେ ବି ଏହି ଖବର ଭାଇରାଲ୍ ହୋଇଥିଲା । ଯାହାକୁ କେନ୍ଦ୍ରୀୟ ବିଜେପି ଗୁରୁତର ସହ ନେବା ସହ ତୁରନ୍ତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଅବଗତ କରିଥିଲେ । ଯେଉଁଥିପାଇଁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ବସିଥିଲା । ବୈଠକରେ ସବୁ ବିଜେପି ବିଧାୟକମାନେ ଦରମା ବୃଦ୍ଧିର ପୁନଃବିଚାର କରିବାକୁ ଅନୁରୋଧ କରିଥିଲେ । ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତଭାବେ ମୁଖମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ । ସେହି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ଦଳର ସମସ୍ତ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ । ସେପଟେ ନବୀନ ବାବୁ ସିନା କେବଳ ନିଜ ବର୍ଦ୍ଧିତ ଦରମା ଟଙ୍କା ଦେବାକୁ ମନା କରିଥିଲେ । ହେଲେ ନିଜ ଦଳର ବିଧାୟକମାନଙ୍କୁ ଏମିତି ପରାମର୍ଶ ଦେଇନଥିଲେ କି ଦରମା ବୃଦ୍ଧିକୁ ବିରୋଧ କରିନଥିଲେ । ବିଜେପି ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବା ପରେ ନବୀନ ବି ପଛରେ ପଡ଼ିବାକୁ ଚାହିଁଲେନି । ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କହିଥିଲେ, ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଏହା ଡିସେମ୍ବର ୯ରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି ବର୍ଦ୍ଧିତ ଦରମାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ତରଫରୁ ଏହାକୁ ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜେଡ଼ି ବି ନିବେଦନ କରିଛି । ସବୁଠାରୁ ବଡ଼ କଥାହେଉଛି, ଦରମା ବୃଦ୍ଧି ପାଇଁ ପ୍ରମିଳା ହିଁ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ ।



# ୨୦୨୬

## ଇଂରାଜୀ ନବବର୍ଷର ଅଭିନନ୍ଦନ

ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର |
|---|---|---|---|---|---|
| | | | | ୧ | ୨ |
| ୪ | ୫ | ୬ | ୭ | ୮ | ୯ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଏପ୍ରିଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର |
|---|---|---|---|---|---|
| | | | ୧ | ୨ | ୩ |
| ୫ | ୬ | ୭ | ୮ | ୯ | ୧୦ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର |
|---|---|---|---|---|---|
| | | | ୧ | ୨ | ୩ |
| ୫ | ୬ | ୭ | ୮ | ୯ | ୧୦ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର |
|---|---|---|---|---|---|
| | | | | ୧ | ୨ |
| ୪ | ୫ | ୬ | ୭ | ୮ | ୯ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଛୁଟିଦିନ

ଜାନୁଆରୀ ୧୪: ମକର ସଂକ୍ରାନ୍ତି । ଜ
ଏପ୍ରିଲ୍ ୧: ଉତ୍କଳ ଦିବସ । ଏପ୍ରିଲ୍ ୩:
ଜୁଲାଇ ୧୬: ରଥଯାତ୍ରା । ଅଗଷ୍ଟ ୧୫

| ଶନି |
|---|
| ୩ |
| ୧୦ |
| ୧୭ |
| ୨୪ |
| ୩୧ |

## ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

| ଶନି |
|---|
| ୪ |
| ୧୧ |
| ୧୮ |
| ୨୫ |

## ମେ'

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

| ଶନି |
|---|
| ୪ |
| ୧୧ |
| ୧୮ |
| ୨୫ |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

| ଶନି |
|---|
| ୩ |
| ୧୦ |
| ୧୭ |
| ୨୪ |
| ୩୧ |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

ନୁଆରୀ ୨୩: ସୁଭାଷ ବୋଷ ଜୟନ୍ତୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ।। ଜାନୁଆରୀ ୨୬: ସାଧାରଣତନ୍ତ୍ର ଦିବସ ।। ମାର୍ଚ୍ଚ ୩: ଦୋଳ ପୂର୍ଣ୍ଣିମା ।। ମାର୍ଚ୍ଚ ୪: ହୋଲି ।। ମାର୍ଚ୍ଚ ୨୧: ଇଦ୍-ଉଲ୍-ଫିତର୍ ।। ମାର୍ଚ୍ଚ ୨୭: ରାମ ନବମୀ ।।
ଗୁଡ୍ ଫ୍ରାଇଡେ ।। ଏପ୍ରିଲ୍ ୧୪: ମହାବିଷୁବ ସଂକ୍ରାନ୍ତି, ଆମ୍ବେଡକର ଜୟନ୍ତୀ ।। ମେ' ୧: ବୁଧ ପୂର୍ଣ୍ଣିମା, ପଣ୍ଡିତ ରଘୁନାଥ ମୁର୍ମୁ ଜନ୍ମ ଜୟନ୍ତୀ ।। ମେ' ୨୭: ଇଦ୍-ଉଜ୍-ଜୁହା ।। ଜୁନ୍ ୧୫: ରଜ ସଂକ୍ରାନ୍ତି ।। ୨୬ ଜୁନ୍: ମହରମ୍ ।।
: ସ୍ୱାଧିନତା ଦିବସ ।। ଅଗଷ୍ଟ: ପ୍ରଫେଟ୍ ମହମ୍ମଦ ଜୟନ୍ତୀ ।। ୪ ସେପ୍ଟେମ୍ବର: ଜନ୍ମାଷ୍ଟମୀ ।। ସେପ୍ଟେମ୍ବର ୧୪: ଗଣେଶ ପୂଜା ।। ସେପ୍ଟେମ୍ବର ୧୫: ନୂଆଖାଇ ।। ଅକ୍ଟୋବର ୨: ଗାନ୍ଧୀ ଜୟନ୍ତୀ ।। ଅକ୍ଟୋବର ୧୭: ମହାସପ୍ତମୀ
।।

# ଅଙ୍କ ମାଷ୍ଟ୍ରଙ୍କ ଅଙ୍କ





ଆଜ୍ଞା ବିଜୟ ମହାପାତ୍ର ହେଉଛନ୍ତି ରାଜ୍ୟ ରାଜନୀତିର ଅଙ୍କ ମାଷ୍ଟ୍ରେ। ମିଶାଣ, ଫେଡ଼ାଣ, ଗୁଣନ, ହରଣ, ସୂତ୍ର ଆଦିରେ ସେ ମାହିର। ସମ୍ପ୍ରତି ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟିହୋଇଛି । ତିନି ପ୍ରମୁଖ ଦଳରେ ଅଙ୍କେ ବହୁତେ କେଁ ରହିଛି । ଅବଶ୍ୟ ବିଜେପିର କେଁ ଚୁଟକିରେ ପଳେଇବ। କାହିଁକିନା ଦିଲ୍ଲୀ ବିଜେପି ହିଁ ଓଡ଼ିଶା ବିଜେପିର ଗତି ଓ ଦିଗ ସ୍ଥିର କରେ। ମୋଦି ଓ ଶାହଙ୍କ ଭଳି ଶକ୍ତିଶାଳୀ ଓ ପ୍ରଭାବଶାଳୀ ନେତା ଥିବାରୁ ରାଜ୍ୟ ବିଜେପିର କେଁ କଟର ବିଶେଷ ମାଇନା ରଖେନାହିଁ। କିନ୍ତୁ କଂଗ୍ରେସ ଓ ବିଜେଡ଼ିର କେଁ କିନ୍ତୁ ଏତେ ସହଜରେ ମଉଳିଯିବନି। ଦିନକୁ ଦିନ ବିଜେଡି ଓ କଂଗ୍ରେସରେ ଅନ୍ତରୀଣ ଅସନ୍ତୋଷ ବଢ଼ିବାରେ ଲାଗିଛି। କିଏ ଉପରେ ତ କିଏ ଭିତରେ ଭିତରେ ମେଳି ବାନ୍ଧିବାରେ ଲାଗିଛନ୍ତି। ଗଣମାଧ୍ୟମ ଆଗରେ ବିଜେଡ଼ି ଓ କଂଗ୍ରେସ ନେତାଏ କଥା ବାଆଁରାଉଥିଲେ ବି ସତ କ'ଣ ସେମାନେ ଭଲଭାବେ ଜାଣିଛନ୍ତି।

ଏହିସବୁ କାରଣ ଯୋଗୁଁ ରାଜ୍ୟ ରାଜନୀତି ଯେକୌଣସି ସମୟରେ କଡ଼ ଲେଉଟାଇବ ବୋଲି ଚର୍ଚ୍ଚା ହେବା ସ୍ୱାଭାବିକ । ତେବେ ରାଜନୀତି କଡ଼ ଲେଉଟାଇବ, କିନ୍ତୁ ବିଜୟ ମହାପାତ୍ର ନଥିବେ, ତାହା ଭାବି ହେଉନାହିଁ । ପୁଅ ଅରବିନ୍ଦ ମହାପାତ୍ର ବିଜେଡ଼ିରେ ଥିବାରୁ ବିଜୟ ହୁଏତ ନୀରବ ରହିଥାଇପାରନ୍ତି, କିନ୍ତୁ ମନ ଆଉ ମୁଣ୍ଡ ଭିତରେ ନିଶ୍ଚିତ ଭାବେ ରାଜନୀତିର ଅଙ୍କ ଆଉ ସୂତ୍ରଗୁଡ଼ିକ ଘୂରିବୁଲୁଛି । ଅବଶ୍ୟ ଯେତେବଡ଼ ସାମ୍ବାଦିକଟେ ହେଲେବି ବିଜୟ ମହାପାତ୍ରଙ୍କ ଠାରୁ କଥା ଆଦାୟ କରିପାରିବେ ନାହିଁ । ସେ ଏମିତି ବୁଲେଇ ବଙ୍କେଇ କହିବେଯେ, ତା'କୁ ବୁଝିଲା ବେଳକୁ ବେଶ କେଇ ଘଣ୍ଟା କି ଦିନ ପଳାଇବ । ଖାସ୍ ସେଇଥିପାଇଁ ବିଜୟଙ୍କୁ କିଏ ଭେଟିଲେ, ସେ କ'ଣ କହିଲେ ତାକୁ ନେଇ ଯେତିକି ଚର୍ଚ୍ଚା ହୁଏ ସେ କାହିଁ ନୀରବ ରହିଲେ ତାହାକୁ ନେଇ ବି ସେତିକି ଚର୍ଚ୍ଚା ହୋଇଥାଏ ।

ଆଜିକାଲି ଯେଉଁଠି ଶୁଣିବୁ ସେଇଠି ଆଞ୍ଚଳିକ ଦଳକୁ ନେଇ ଚର୍ଚ୍ଚା ହେଉଛି । ଆଉ ଏକ ଆଞ୍ଚଳିକ ଦଳର ଆବଶ୍ୟକତା ରହିଛି ବୋଲି ବି ଥୋକେ ଚର୍ଚ୍ଚା କରୁଛନ୍ତି । ସେପଟେ ଆଉ ଥୋକେ କହୁଛନ୍ତି, ଆଞ୍ଚଳିକ ଦଳ ଗଢ଼ାହେଲେ ବି କିଛି ଲାଭ ହେବନାହିଁ । ନାନା ମୁନିଙ୍କର ନାନା ମତ ଭଳି ଯିଏ ଯାହା ବାଟରେ ତର୍କ ବିତର୍କ ଜାରି ରଖିଛନ୍ତି । ଅବଶ୍ୟ ଏକଥା ସତ୍ୟଯେ, ଆଞ୍ଚଳିକ ଦଳ ଗଠନ ନେଇ ସେମିତି କୌଣସି ପ୍ରକ୍ରିୟା ଆରମ୍ଭ ହୋଇନି । ବରଂ କୋଣଠେସା ନେତାମାନେ ନିଜର ରାଜନୀତିକ ଅସ୍ତିତ୍ୱକୁ ଜାହିର କରିବା ପାଇଁ ମଝିରେ ମଝିରେ ମେଳି ବାନ୍ଧୁଥିବା କଥାଟି ଷୋଳଅଣା ସତ । ଏ ବିଷୟରେ ଆମେ ଆଉ କେବେ ନିଶ୍ଚିତ ଆଲୋଚନା କରିବା ।

ଏବେ ଆସିବା ଅଙ୍କ ମାଷ୍ଟ୍ରେ ମାନେ ବିଜୟ ମହାପାତ୍ରଙ୍କ ଆଡକୁ । ନୂଆପଲ୍ଲୀ ଘରେ ବସି ସେ ନୂଆଦିଲ୍ଲୀର କଥା ଯେମିତି ରଖନ୍ତି, ଠିକ୍ ସେମିତି ୧୪୭ ନିର୍ବାଚନମଣ୍ଡଳୀର ଟିକିନିଖି ଖବର ବି ରଖନ୍ତି । ଆଞ୍ଚଳିକ ଦଳ ଗଢ଼ିବା ପାଇଁ ତାଙ୍କର ଆଗ୍ରହ ନାହିଁ କହିଲେ ଭୁଲ୍ ହେବ । କିନ୍ତୁ ଅତୀତରେ ବିଜେଡ଼ି ହେଉକି ଓଜିପି, ସବୁଥିରେ ତାଙ୍କର ଖଟାମିଠା ଅନୁଭବ ରହିଛି । ଏନସିପି ହେଉକି ବିଜେପି, ତାଙ୍କର ଉଦ୍ଦେଶ୍ୟ ସଫଳ ହୋଇନାହିଁ । ତେଣୁ ପରିବର୍ତ୍ତିତ ରାଜନୀତିକ ପରିସ୍ଥିତିରେ ସେ କିଛି ନୂଆ ଗେମ୍ ପ୍ଲାନ କରୁଛନ୍ତି । ହେଲେ ଏବେ ଯେଉଁ ନେତାମାନେ ଆଞ୍ଚଳିକ ଦଳ ଗଢ଼ିବାକୁ ମନେମନେ ଭାବୁଛନ୍ତି ସେମାନଙ୍କ ଉପରେ ବିଜୟଙ୍କ ଭରସା ପାଉନାହିଁ । ଗାଏମୋଟ୍ କହିଲେ ବିଜୟ ମହାପାତ୍ର ଆଉ ବିଫଳ ହେବାକୁ ଚାହୁଁନାହାନ୍ତି । ତେଣୁ ସେ ଓଳାଶୁଣୀ ଗୁମ୍ଫାକୁ ଯାଇନାହାନ୍ତି କି କୋଉ ହୋଟେଲରେ ବସି କିଛି ହିସାବ ନିକାଶ କରିବାକୁ ଉଚିତ୍ ମଣୁନାହାନ୍ତି । ସବୁ ଯଦି ଠିକ୍ ଠାକ୍ ଚାଲେ ତାହେଲେ ସେ ଆଗକୁ ବଢ଼ିପାରନ୍ତି ।




# 'ଝୁମୁକା'ରେ ଛୁଙ୍କ ଶଙ୍ଖ ଭବନରେ ବାସ୍ନା

**ଝୁମୁକା ଟିକେ ତୁ ତ ହଲେଇଦେ... ରୁମ ଝୁମ କରି ଟିକେ ବଜେଇଦେ... ବେଣୀ ତୋ ହଲିଲେ, ମନମୋ ନାଚିବ... ଆଜ୍ଞା ଦିନେ ତାନସେନଙ୍କ ଏହି ଗୀତଟା ଭାରି ସୁପରହିଟ୍ ଥିଲା । ଏବେ ଏହାର ରିମିକ୍ସ ଚନ୍ଦକାର 'ଝୁମୁକା'ରେ ଶୁଣିବାକୁ ମିଳିଥିଲା । ଅବଶ୍ୟ ସେଇ 'ଝୁମୁକା'ରେ ରୁମଝୁମ ଶବ୍ଦ ହେଉନଥିଲା, ଫଟା ଶଙ୍ଖରେ ପବନ ପାଶ୍ କରିଗଲେ ଯେମିତି ଶୁଭେ, ଠିକ୍ ସେମିତି ସାଉଣ୍ଡ ଆସୁଥିଲା। କଥାକ'ଣକି ଆଜ୍ଞା ପୁରୁଣା ବର୍ଷକୁ ବିଦାୟ୍ ଦେଇ ନୂଆ ବର୍ଷରେ ନୂଆ ରଣନୀତି କରିବାକୁ ବିଜେଡ଼ିର ହାରୁନେତାମାନେ ଏକାଠି ହୋଇଥିଲେ । ବାସ୍, ଝୁମୁକାରେ ଯେଉଁ ଫଟା ଶଙ୍ଖ ବାଜିଲା, ତାହାର ଶବ୍ଦ କିନ୍ତୁ ଶଙ୍ଖ ଭବନ ଯାଏଁ ଶୁଣିବାକୁ ମିଳିଥିଲା। ଆଉ ପଲଟିକାଲ ମସଲାକୁ ଅନେଇ ବସିଥିବା ଆମ ମିଡ଼ିଆବାଲାଙ୍କ ସୌଜନ୍ୟରୁ ଏହା ସାରା ଓଡ଼ିଶା ଯାଏଁ ବ୍ୟାପିଯାଇଛି। ଅବଶ୍ୟ ଆମର କିଛି ଚୁଙ୍ଗା ଆଉ ଠୁଙ୍ଗା ବାଲା ମିର୍ଚ୍ଚ ମସଲା ଦେଇ ଯେମିତି ଚର୍ଚ୍ଚା କରୁଛନ୍ତି, ସେମିତି କିଛି ହୋଇନି...**

**ସାଗର ଶତପଥୀ, ସମ୍ପାଦକ,** THE NEWS INSIGHT

ନିକଟରେ ବିଜେଡିର ପୂର୍ବତନ ଓ ପରାଜିତ ବିଧାୟକମାନଙ୍କୁ ନେଇ ଆୟୋଜିତ ହୋଇଥିବା ବନ୍ଧୁ ମିଳନ ତଥା ସାକ୍ଷାତ ଆଲୋଚନା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଏହି ସାକ୍ଷାତକୁ ନେଇ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଛି। ହେଲେ ମିଡ଼ିଆ ଏହାର ପ୍ରକୃତ କାରଣ ନବୁଝି ଅନେକ କଥା କଳ୍ପନା କରି ଏହାକୁ ଏକ ନୂଆ ରୂପ ଦେଇଛି। ଏପରିକି ନେତାମାନେ ଅସନ୍ତୁଷ୍ଟ ଅଛନ୍ତି, ଦଳ ଛାଡିବାକୁ ଚାହିଁବାକୁ ଚାହୁଁଛନ୍ତି ଭଳି ଅନେକ କଥା ମିଡ଼ିଆ କହିଛି। ହେଲେ ଗୁଢ ରହସ୍ୟ ବୁଝିବାକୁ ମିଡ଼ିଆ ପ୍ରୟାସ କରିନି।

ପ୍ରଥମତଃ ଏହି ସାକ୍ଷାତ ଆଲୋଚନାରେ କୌଣସି ବି ନେତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ବିରୋଧରେ ନଥିଲେ। ଉପସ୍ଥିତ ସମସ୍ତ ନେତା ବାରମ୍ବାର ଜୟ ଜଗନ୍ନାଥ, ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ବିଜେଡି ଜିନ୍ଦାବାଦ ନାରା ଦେଇଥିଲେ। ବିଜେଡିକୁ କିଭଳି ତୃଣମୂଳସ୍ତରରୁ ଆହୁରି ସୁଦୃଢ଼ କରାଯାଇପାରିବ, ନବୀନ ବାବୁଙ୍କ ନେତୃତ୍ୱରେ ଦଳ କିଭଳି ଆଗକୁ ବଢିବ, ଏକ ମଜବୁତ ବିରୋଧୀ ଦଳ ଭାବେ ପରିଗଣିତ ହେବ, ସେ ଦିଗରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବା ହିଁ ସମସ୍ତଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ତେବେ ବିଜେଡିର ଏଭଳି ପରିସ୍ଥିତି ସୃଷ୍ଟି ହେବାର ମୂଳ କାରଣ କଣ, ତାହା ଆଲୋଚନାର ମୁଖ୍ୟ ବିଷୟବସ୍ତୁ ।୨୪ ବର୍ଷ ଧରି ଓଡ଼ିଶାର ଶାସନ ଭାର ସମ୍ଭାଳି ୨୦୨୪ ସାଧାରଣ ନିର୍ବାଚନ ହାରିବା ପରେ ଦଳର ମୁଖିଆ ଏବେ କୌଣସି ଯଥୋଚିତ ନିଷ୍ପତ୍ତି ନେଇପାରୁନାହାନ୍ତି। ଫଳରେ ଦଳୀୟ ନେତା ଓ କର୍ମୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ମିଡ଼ିଆ କିଛି ଭିନ୍ନ କଥା ଲୋକଲୋଚନକୁ ଆଣୁଛି, ଦଳରେ ଆଉ କିଛି ଚାଲିଛି।

ଏସବୁ ମଧ୍ୟରେ ଦଳର କାର୍ଯ୍ୟକଳାପକୁ ନେଇ ମଧ୍ୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଥା ସାମ୍ନାକୁ ଆସୁଛି। ସେ ସଂସଦରେ ହେଉ କି ରାଜ୍ୟସ୍ତରରେ ହେଉ, ବେଳେବେଳେ ଦଳର ନିଷ୍ପତ୍ତିକୁ ନେଇ ସନ୍ଦେହ ହେଉଛି ଯେପରି ସେମାନେ ବିଜେପି ନିୟନ୍ତ୍ରଣରେ ଅଛନ୍ତି । ଅନେକ ସମୟରେ ଲାଗୁଛି ସେମାନେ ବିରୋଧୀ ଦଳରେ ରହି କାର୍ଯ୍ୟ ତୁଲାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଏବେ ଏହାର ଫାଇଦା ନେଉଛି କଂଗ୍ରେସ ।

ସମ୍ବିତ ଓଡ଼ିଆ



ଏହାର ଅନେକ ଉଦାହରଣ ନିଆଯାଇପାରେ। ବିଜେଡିରେ ୫୦ ଜଣ ବିଧାୟକ ଥାଇ ମଧ୍ୟ ଦଳ ଚୁପ୍ ବସିଥିବା ବେଳେ କଂଗ୍ରେସ ୧୪ ଜଣ ବିଧାୟକଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇ ବିଜେପି ବିରୋଧରେ ଲଢ଼ୁଛି। ବିଜେପିର କୌଣସି ବି ଭୁଲ କାର୍ଯ୍ୟକଳାପ ବିରୋଧରେ ରଣହୁଙ୍କାର ଦେଉଛି। କଂଗ୍ରେସ ଏବେ ତାର ରାଜନୈତିକ ଗୋଟିଚାଳନା ଆରମ୍ଭ କରିଦେଇଛି। ଗୋଷ୍ଠୀକନ୍ଦଳ ସତ୍ତ୍ୱେ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦିନକୁ ଦିନ ନିଜ ପତିଆରା ଜାହିର କରିବା ସମୟରେ ବିଜେଡିରେ ସେମିତି କିଛି ଜୋଶ ଦେଖିବାକୁ ମିଳୁନାହିଁ।

ନୂଆପଡା ଉପନିର୍ବାଚନରେ ବିଜେଡିର ସମ୍ପୂର୍ଣ୍ଣ ଅପାରଗତା ଦେଖିବାକୁ ମିଳିଛି। ବିଗତ ନିର୍ବାଚନରେ ବିଜେଡିରୁ ତିନି ତିନି ଥର ବିଧାୟକ ଜିତିଥିବା ନିର୍ବାଚନ ମଣ୍ଡଳୀରେ ଦଳ ଶୋଚନୀୟ ଭାବେ ପରାସ୍ତ ହୋଇଛି। କଂଗ୍ରେସ ଦ୍ୱିତୀୟରେ ରହିଛି। ଗୋଟିଏ ପରିବାର ଦଳ ଛାଡିବା ପରେ ଦଳର ଦୁର୍ଗତି ଘଟିଛି ନୂଆପଡାରେ। ଏସବୁ ପୂର୍ବତନ ଓ ପରାଜିତ ବିଧାୟକମାନଙ୍କ ହୃଦୟକୁ ଅତ୍ୟନ୍ତ କଷ୍ଟ ଦେଉଛି।

ତେବେ ରାଜନୈତିକ ପାଣିପାଗରେ ବିରାଟ ପରିବର୍ତ୍ତନ ପରେ ନିକଟରେ ଭେଟ ହୋଇଥିବା ବିଜେଡି ନେତାଙ୍କ ମଧ୍ୟରୁ କେହି ବି ବିଜେପି ସମର୍ଥକ ନୁହନ୍ତି। କେହି ବି ବିଜେପିର ମିଶିବାର କୌଣସି ସମ୍ଭାବନା ନାହିଁ, ସମସ୍ତେ ବିଜେପି ସହ ଲଢ଼ିବାକୁ ଚାହୁଁଛନ୍ତି। କିନ୍ତୁ ସେମାନଙ୍କୁ ନିର୍ଭୀକ ଭାବେ ଲଢ଼ିବା ପାଇଁ କୌଣସି ସବୁଜ ସଙ୍କେତ ମିଳୁନାହିଁ। ସେଥିପାଇଁ କଣ କରିବେ, ସେ ନେଇ ସେମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏସବୁ ପାଇଁ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ନବୀନ ପଟ୍ଟନାୟକଙ୍କର ଭୁଲ ରହୁଛି। କାରଣ ସେ କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି।

ଦଳକୁ ସୁଦୃଢ଼ କରିବା ଦିଗରେ କୌଣସି ନିଷ୍ପତ୍ତି ନେଉନାହାନ୍ତି। ସେ ଉତ୍ତରାଧିକାରୀ ଚୟନ ହେଉ କି ନିର୍ଦ୍ଦେଶ ହେଉ, ଏହି ମେଳିର ମୂଳ କାରଣ ନେତାମାନେ ଚାହୁଁଛନ୍ତି ନବୀନ ପଟ୍ଟନାୟକ କିଛି ନିର୍ଦ୍ଦେଶ ଦିଅନ୍ତୁ। ଏ ବିଷୟରେ କୌଣସି ବିଶେଷ ଆଲୋଚନା ହୋଇନଥିଲେ ମଧ୍ୟ ସମସ୍ତେ ଏକାଠି ହେବାର କାରଣ ସେହି ଦିଗକୁ ଇଙ୍ଗିତ କରୁଛି। ସେମାନେ ଦେଖାଇଦେବାକୁ ଚାହୁଁଥିଲେଯେ, ବିଜେଡି ଏବେ ବି ତା\'ର ସତ୍ତା ବଜାୟ ରଖିଛି । ନବୀନ ବାବୁଙ୍କ ନେତୃତ୍ୱରେ ଦଳ ଆହୁରି ଆଗକୁ ଯିବ ଓ ଦଳୀୟ ଲୋକମାନେ ନବୀନ ବାବୁଙ୍କୁ ସେମାନଙ୍କ ନେତା ବୋଲି ମାନୁଛନ୍ତି। ଏହି ବାର୍ତ୍ତା ଦେବା ପାଇଁ ସେମାନେ ଏକାଠି ହୋଇଥିଲେ। ଦଳ ଭାଙ୍ଗିଦେବା କି ଦଳ ଛାଡି ପଳାଇ ଯିବାର କୌଣସି ଯୋଜନା ନାହିଁ।

କିନ୍ତୁ ବିରୋଧୀ ଦଳ ନେତା ଭାବେ ନବୀନ ପଟ୍ଟନାୟକ ଖୁବ ଶୀଘ୍ର ଯଦି କୌଣସି ନିଷ୍ପତ୍ତି ନନିଅନ୍ତି, ଦଳକୁ ସୁଦୃଢ଼ କରିବା ଦିଶାରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଞ୍ଚଳିକ ଦଳ ଗଠନର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଯଦି ନବୀନ ବାବୁ କୌଣସି ବିଷୟରେ ସ୍ଥିର ନିଶ୍ଚିତ ନହୁଅନ୍ତି, ତେବେ ଦଳୀୟ ଲୋକେ ଆଉ କେତେ ଦିନ ଅପେକ୍ଷା କରିବେ ? ବିରୋଧୀ ଦଳ ଭାବେ ରହିବାକୁ ୧ ବର୍ଷ ୮ ମାସ ହୋଇଗଲାଣି, ଆଉ କେତେ ଦିନ ଅପେକ୍ଷା କରିବେ ? ଏମିତି ଦିନ ଗଡ଼ି ଚାଲିଥିବ, ବିଜେପି ମଧ୍ୟ ମଜବୁତ ହୋଇଚାଲିଥିବ, କଂଗ୍ରେସ ମଧ୍ୟ ଭକ୍ତ ଦାସଙ୍କ ବଳିଷ୍ଠ ନେତୃତ୍ୱରେ ସକ୍ରିୟ ହୋଇଚାଲିଥିବ। ତେବେ ବିଜେଡି ଏବେ କଣ କରିବ, ତାହା ବଡ଼ ପ୍ରଶ୍ନବାଚୀ ହୋଇରହିଛି। ସେଥିପାଇଁ ବେଳ ଥାଉ ଥାଉ ନବୀନ ବାବୁ ସଜାଗ ହେବା ଉଚିତ। ବିଜେଡିକୁ ଏକ ସୁଦୃଢ଼ ବିରୋଧୀ ଦଳ ଭାବେ ଗଢି ତୋଳିବାକୁ ନବୀନ ବାବୁ ଦଳୀୟ ନେତାଙ୍କୁ ସାଙ୍ଗରେ ନେଇ ମଇଦାନକୁ ଓହ୍ଲାଇବାକୁ ପଡିବ।

ଏହି ସାକ୍ଷାତକୁ କିଛି ଲୋକ ଭି. କେ. ପାଣ୍ଡିଆନଙ୍କ ବିରୋଧରେ ମେଳି ବୋଲି କହୁଛନ୍ତି। କିନ୍ତୁ ଏହି ମନ୍ତବ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଏହି ସାକ୍ଷାତ ଆଲୋଚନାରେ ଅନେକ ପାଣ୍ଡିଆନଙ୍କ ସମର୍ଥକ ଥିବା ବେଳେ ଆଉ କିଛି ତାଙ୍କ ବିରୋଧୀ ଥିଲେ । କିନ୍ତୁ ଏହି ମେଳି ପାଣ୍ଡିଆନ କି ନବୀନ ବାବୁ, କାହା ବିରୋଧରେ ନଥିଲା। କିଛି ନେତା ପାଣ୍ଡିଆନଙ୍କ ବିରୋଧୀ ଥିବା ବେଳେ ସମସ୍ତେ କିନ୍ତୁ ନବୀନ ବାବୁଙ୍କ ସମର୍ଥକ ଥିଲେ। ପାଣ୍ଡିଆନ ଏହି ସାକ୍ଷାତକାରର ମୁଖ୍ୟ ବିଷୟବସ୍ତୁ ନଥିଲେ, ମୂଳ କାରଣ ଥିଲା ବିଜେଡି କିଭଳି ବିରୋଧୀ ଦଳ ଭାବେ ଆହୁରି ସୁଦୃଢ଼ ହେବ ଓ ଆଗକୁ ବଢିବ, ନବୀନ ବାବୁ ସେ ଦିଗଦର୍ଶନ ଦିଅନ୍ତୁ ବୋଲି ଦଳୀୟ ନେତା ଚାହୁଁଥିଲେ।

ତେବେ ଦେଖିବାକୁ ବାକି ରହିଲା ନେତାମାନଙ୍କର ବିଜେଡିକୁ ସଂଗଠିତ ଓ ମଜଭୁତ କରିବାର ଏହି ପ୍ରୟାସ ନବୀନ ବାବୁଙ୍କ ଉପରେ କେତେ ପ୍ରଭାବ ପକାଉଛି ଓ ସେ ଆଗକୁ କଣ ନିଷ୍ପତ୍ତି ନେଉଛନ୍ତି ।

# ନବୀନ କହିଥିଲେ ଶଙ୍ଖ ଭବନରେ ମିଟିଂ କର

**୨୦୨୫ ଅପ୍ରେଲ ୯ । ହୋଟେଲରେ କିଛି ବିଜେଡ଼ି ନେତାଙ୍କ ମେଳିକୁ ନେଇ ନବୀନ ଗଣମାଧ୍ୟମରେ ଅସନ୍ତୋଷ ଝାଡ଼ିଥିଲେ। ସିଧା ସିଧା କହିଥିଲେ, ଏମିତି ମିଟିଂକୁ ମୁଁ ଆଦୌ ପସନ୍ଦ କରେନି। ସେମାନଙ୍କର ପାର୍ଟି ଅଫିସ ଅଛି। ଶଙ୍ଖଭବନରେ ଆସି ବୈଠକ କରନ୍ତୁ ବୋଲି କହିଥିଲେ। ଅବଶ୍ୟ ଏଇଟା ମିଟିଂ ନୁହେଁ ବରଂ ଭୋଜିଭାତର ଆସର ଥିଲା ବୋଲି ଦଳେ ନେତା ସଫେଇ ଦେଇଛନ୍ତି।**



ପଞ୍ଚାୟତସ୍ତରରେ ନେତାମାନେ ବିଜେଡ଼ି ଛାଡୁଛନ୍ତି। ସେମାନଙ୍କୁ କିଭଳି ରୋକାଯାଇପାରିବ ସେନେଇ ସମସ୍ତେ ଉଦ୍ୟମ କରିବେ। ଗତ ନିର୍ବାଚନରେ କିଛି ନିର୍ବାଚନମଣ୍ଡଳୀରେ ବାହାରର ଲୋକଙ୍କୁ ଆଣି ପ୍ରାର୍ଥୀ କରାଗଲା, ଯାହା ଦଳପାଇଁ ବୁମେରାଂ ହେଲା। ଯେଉଁମାନେ ଦଳ ପାଇଁ ମାଡ଼ ଗାଳି ଖାଇ ଆଗରେ ଛିଡ଼ା ହେଉଥିଲେ, ସେମାନଙ୍କୁ ଅଣଦେଖା କରାଗଲା।

**କିଶୋର ତରାଇ, ପୂର୍ବତନ ବିଧାୟକ**



ଭୋଜି କରିବାକୁ ଆସିଥିଲୁ। ଏହାପଛରେ ଆଉ କିଛି ନାହିଁ। ରାଜନୀତିଆ ଲୋକ ବୋଲି କ'ଣ ଭୋଜି କରିପାରିବେ ନାହିଁ। କୌଣସି କଥାକୁ ଅନର୍ଥ କରିବାର ଆବଶ୍ୟକତା ନାହିଁ। ଯେଉଁମାନେ ଭୋଜି କରିବାକୁ ଆସିଛନ୍ତି ସମସ୍ତେ ହାରିକି ଅଛନ୍ତି। କେହି ସେମାନଙ୍କର କିଛି କରିପାରିବେ ନାହିଁ।

**ରାଜେନ୍ଦ୍ର ସାହୁ, ପୂର୍ବତନ ବିଧାୟକ**



କିଛି ଲୋକ ଟ୍ରାକରେ ପଥର ରଖି ବିଜେଡ଼ି ଇଞ୍ଜିନକୁ ଡିରେଲ କରିବାକୁ ଚାହୁଁଥିଲେ। ଏବେ କିନ୍ତୁ ଆଉ ସେୟା ହେବନାହିଁ । ବିଜେଡ଼ି ସେଇ ଇଞ୍ଜିନରେ ହିଁ ଆଗକୁ ବଢ଼ିବ। ପାଣ୍ଡିଆନ ଆମର ନେତା ନଥିଲେ। ସେ ଜଣେ ଭଲ ମ୍ୟାନେଜର। ବିଜେଡି ନବୀନ ଗଢିନଥିଲେ। ବିଜୁଙ୍କ ଆଦର୍ଶରେ ଏହା ଗଢାଯାଇଛି, ଭାଙ୍ଗିବାର ପ୍ରଶ୍ନ ଉଠୁନି।

**ସମ୍ବିତ ରାଉତରାୟ, ପୂର୍ବତନ ବିଧାୟକ**

# 'ଝୁମୁକା' ମେଳିର ଅକୁହା ବାର୍ତ୍ତା



ଗତ ଶୁକ୍ରବାର (୧୯ ଡିସେମ୍ବର ୨୦୨୫) ଚନ୍ଦକା ପାଖ ଝୁମୁକା ରିସର୍ଟରେ ହୋଇଥିବା ଏକ ବଡ ଧାରଣର ମେଳିର ରାଜନୈତିକ ବାର୍ତ୍ତା କ'ଣ? ଯଦିଓ କେହି କିଛି ପ୍ରତ୍ୟକ୍ଷ ଭାବେ କିଛି କହି ନ ଥିଲେ, ଇଂରାଜିରେ ଗୋଟିଏ ପଦ ଅଛି, 'Reading Between the Lines' ଯାହା ସବୁ ରାଜନୈତିକ ସମୀକ୍ଷକ କରିଥାନ୍ତି । ରାଜନୈତିକ ବୟାନବାଜିରେ ଅନେକ ସମୟରେ ଯେତେ କଥା ନେତା କହିଥାନ୍ତି, ତାଠୁ ଅଧିକ କିଛି ଲୁଚାଇଛନ୍ତି । ଝୁମୁକା ମେଳିରେ ବି ଅନେକ ଅସମାହିତ ପ୍ରଶ୍ନ ରହିଯାଇଛି, ତାହା ହେଲା, ଏହି ବଣଭୋଜିର ଆୟୋଜକ କିଏ ବା କାହାର ପୃଷ୍ଠପୋଷକତାରେ ହୋଇଥିଲା, ଏହାର ଉଦ୍ଦେଶ୍ୟ କ'ଣ ଥିଲା ଏବଂ ଏହାର ଫଳାଫଳ କ'ଣ ବାହାରିଲା ।

ପ୍ରଥମ ପ୍ରଶ୍ନ ହେଲା, କିଏ ଏହାର ଆୟୋଜକ ଥିଲେ । ସେଠାରେ ଉପସ୍ଥିତ ମଣ୍ଡଳୀକୁ ପର୍ଯ୍ୟାଲୋଚନା କଲେ କେବଳ ଗୋଟିଏ ମାତ୍ର ସଂଯୋଗ ହେଉଛି, ସମସ୍ତେ ଗତ ନିର୍ବାଚନରେ ପରାଜୟ ହୋଇଥିଲେ କିମ୍ବା ପୂର୍ବତନ ବିଧାୟକ ଯେଉଁମାନେ ୨୦୨୪ରେ ଟିକେଟ ପାଇ ନଥିଲେ । ଏହା ଛଡା ଆଉ କିଛି ସାମଞ୍ଜସ୍ୟ ନାହିଁ ।

ଏହି ମେଳିରେ ମୁଖ୍ୟତଃ ତିନି ବର୍ଗର ନେତା ଯୋଗ ଦେଇଥିଲେ, ପ୍ରଥମ ହାରୁ ନେତା ଯେଉଁମାନେ ଉତ୍ତରାଧିକାର ସୂତ୍ରରେ ୨୦୨୪ ପୂର୍ବରୁ ଜିତୁଥିଲେ ଏବଂ ଦଳରେ ପ୍ରଭାବ ମଧ୍ୟ ଥିଲା । ଦ୍ୱିତୀୟ, ଯେଉଁମାନେ ୨୦୨୪ରେ ଟିକଟ ପାଇ ନଥିଲେ, କିନ୍ତୁ ଦଳରେ ପତିଆରା ଥିଲା । ତୃତୀୟରେ ଯେଉଁମାନେ ବିଜୁ ଜନତା ଦଳରେ ଅଧିକ ସୁଯୋଗ ପାଇ ନ ଥିଲେ ବି ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖୁଥିଲେ । ଯଦି ସବୁ ହାରୁ ନେତାଙ୍କୁ ନିମନ୍ତ୍ରଣ ଯାଇଥିଲା ତେବେ ବବି ଦାସ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ କାହିଁକି ଅନୁପସ୍ଥିତ ଥିଲେ? ଯେଉଁମାନେ ଉପସ୍ଥିତ ଥିଲେ, ସେଥିରୁ ଅଧିକାଂଶ ପାଣ୍ଡିଆନଙ୍କ ବିରୋଧୀ ସ୍ୱର ଥିଲେ, କିନ୍ତୁ ତା ଭିତରେ ଅଳ୍ପ କିଛି ପାଣ୍ଡିଆନ-ସପକ୍ଷ ସ୍ୱର ଥିଲେ ।

ତେଣୁ, ନିଶ୍ଚିତ ଭାବେ ଏହା ଯୁବ ପୂର୍ବତନ ବିଧାୟକ ଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ କରଯାଇଥିଲା । ବୋଧହୁଏ, ଏହାର ସୁରାକ ପାଇ କିଛି ପାଣ୍ଡିଆନ ସ୍ୱରଙ୍କୁ ସେଠାକୁ ପଠାଯାଇଥିଲା ।

ଦ୍ୱିତୀୟ ପ୍ରଶ୍ନ ହେଉଛି ଏହାର ଉଦ୍ଦେଶ୍ୟ କ'ଣ ଥିଲା ? ଗୋଟିଏ କଥା ସ୍ପଷ୍ଟଯେ, ସେମାନେ ସେଠାରେ ଭୁବନେଶ୍ୱର କି ଓଡିଶାର ପାଣିପାଗ ବିଷୟରେ ଆଲୋଚନା କରିବା ପାଇଁ ଏକତ୍ରିତ ହୋଇନଥିଲେ । ନିଶ୍ଚିତ ଭାବେ ଓଡିଶାର ରାଜନୈତିକ ପାଣିପାଗ ବିଷୟରେ ଆଲୋଚନା କରିବା ପାଇଁ ଏକତ୍ରିତ ହୋଇଥିଲେ । ବର୍ଷଶେଷ ଭୋଜି କେବଳ ଏକ ବାହାନା ଥିଲା । କିନ୍ତୁ, ବୋଧହୁଏ, ପାଣ୍ଡିଆନ ସମର୍ଥକଙ୍କ ଉପସ୍ଥିତିରେ ଆଲୋଚନା ଖୋଲାଖୋଲି ହୋଇ ପାରିନଥିଲା ।

କିନ୍ତୁ, ପାଣ୍ଡିଆନ ସମର୍ଥକ ସ୍ୱର କ'ଣ କରୁଥିଲେ । ଯଦିଓ, ଖୋଲା ଖୋଲି ଭାବେ କିଛି ବାହାରକୁ ଆସି ନାହିଁ, ଆଗାମୀ ଡିସେମ୍ବର ୨୬ ତାରିଖ ବିଜେଡିର ପ୍ରତିଷ୍ଠା ଦିବସକୁ ଦୃଷ୍ଟିରେ ରଖି ବୋଧହୁଏ ପାଣ୍ଡିଆନ ସମର୍ଥନମାନେ ପରୋକ୍ଷ ଭାବେ ହେଉ ସୁଦ୍ଧା, ସମ୍ଭାବ୍ୟ ଉତ୍ତରାଧିକାରୀ ବିଷୟରେ ନେତାଙ୍କର ମତିଗତି ବିଷୟରେ ଜାଣିବାକୁ ଚେଷ୍ଟା କରିଥିବେ । କାରଣ, ଭୋଜି ସାରି ବାହାରକୁ ବାହାରୁଥିବା ବିଭିନ୍ନ ନେତାଙ୍କ ଟୀକା ଟିପ୍ପଣୀ ଶୁଣିଲେ ମନେ ହେଉଥିଲା ଯେ ପାଣ୍ଡିଆନ ବିରୋଧ ସ୍ୱର ନିଶ୍ଚିତ ଭାବେ ଅଧିକ ଶାଣିତ ଥିଲା । ସମସ୍ତେ ପ୍ରାୟ ଏକ ସ୍ୱରରେ କହୁଥିଲେଯେ ଦଳରେ ଯୁବଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦିଆଯାଉ ।

କିନ୍ତୁ, ରାଜନୀତିରେ ଆଉ ଗୋଟିଏ ଅଛି optics, ଅର୍ଥାତ୍ ଶକ୍ତି ପ୍ରଦର୍ଶନ ମାଧ୍ୟମରେ ଶୀର୍ଷ ନେତୃମଣ୍ଡଳୀଙ୍କୁ ବିନା କିଛି କହି ବାର୍ତ୍ତା ଦେବା । ଏବଂ ଏହି ମେଳି ଠିକ୍ ସେଇୟା ହିଁ କରିଛି । ଏହା ଶୀର୍ଷ ନେତୃତ୍ୱକୁ ପରୋକ୍ଷ ଭାବେ ଜଣାଇ ଦେଇଛି ଯେ ଓଡିଶାର ପ୍ରାୟ ସବୁ ଅଞ୍ଚଳରୁ ନେତାମାନେ ଏକଜୁଟ ଅଛନ୍ତି, ଏବଂ ସେମାନଙ୍କୁ କୋଣଠେସା କଲେ କିମ୍ବା ଦଳୀୟ ମତ ଆଧାରରେ ଯଦି ନେତୃତ୍ୱ ବିଷୟରେ ନିଷ୍ପତ୍ତି ନିଆନଯାଏ, ତେଣୁ ସେମାନେ ସାମୂହିକ ଭାବେ ନିଜ ଭବିଷ୍ୟତ ପାଇଁ କୌଣସି ବି ନିଷ୍ପତ୍ତି ନେଇ ପାରିବେ ।

କାରଣ, ରାଜୁ ଦାସ ସ୍ପଷ୍ଟ ଭାବେ କହିଥିଲେ ଯେ ସେମାନଙ୍କର ଆଉ କିଛି ହରାଇବାର ନାହିଁ, ଅର୍ଥାତ ଯାହାକୁ ଇଂରାଜିରେ କୁହାଯାଏ, 'They have nothing to lose' । ଆଉ ଗୋଟିଏ କଥା ଲକ୍ଷ୍ୟ କରିବାର ଅଛିଯେ, ଅଧିକାଂଶ ନେତା ନିଜ ସଂଗଠନ ଅପେକ୍ଷା ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଯୋଗୁଁ ନିର୍ବାଚିତ ହୋଇ ଆସିଛନ୍ତି । ଯଦି, ନବୀନ ପଟ୍ଟନାୟକ ପ୍ରତ୍ୟକ୍ଷ ଭାବେ ଦଳର ସର୍ବେସର୍ବା ନ ରୁହନ୍ତି, ତେବେ ନିଜ ନିଜ ନିର୍ବାଚନମଣ୍ଡଳୀରେ ନିଜର ସ୍ଥିତି ସଙ୍ଗିନ ହୋଇଯିବ ।

ଏହି କଥାକୁ ମୋକିମଙ୍କ ବିଦ୍ରୋହ ଏବଂ ମୋକିମ-ବିଜୟ ମହାପାତ୍ରଙ୍କ ଭେଟ୍-ଘାଟ୍ ରୁ ଅଲଗା କରି ଦେଖିହେବ ନାହିଁ । କାରଣ, ବର୍ତ୍ତମାନ ରାଜ୍ୟରେ ଏକ ଜନମତ ସୃଷ୍ଟି ହୋଇଗଲାଣି ଯେ ଆଉ ଏକ ଓଡିଆଙ୍କ ଦ୍ୱାରା ପରିଚାଳିତ ଆଞ୍ଚଳିକ ଦଳର ଆବଶ୍ୟକତା ରହିଛି । କିନ୍ତୁ, ଏହାର ସଫଳତା କେତେ ହେବ ତାହା ସମୟ ହିଁ କହିବ ।

କିନ୍ତୁ, ଯେଉଁ ରାଜନୈତିକ ସମୀକ୍ଷକମାନେ କହୁଛନ୍ତି ଯେ ଆଗରୁ, ବିଶେଷ ଭାବେ ନବୀନ ଯେତେବେଳେ କିଛି ତୁଙ୍ଗ ନେତାଙ୍କୁ ବାହାର କରିଥିଲେ, ସେମାନେ ବି ଅଲଗା ରାଜନୈତିକ ଦଳ ଗଠନ କରିଥିଲେ, କିନ୍ତୁ ତାହାର ପ୍ରଭାବ କିଛି ନ ଥିଲା, ତେଣୁ ଆଉ ଗୋଟିଏ ରାଜନୈତିକ ଦଳ ହେଲେ ଏହାର ବି କିଛି ପ୍ରଭାବ ପଡିବ ନାହିଁ ।

କିନ୍ତୁ, ବୋଧହୁଏ ଏହି ମେଳିରେ ଥିବା ନେତାମାନେ ହିସାବ କିତାବ କରିସାରିଛନ୍ତି ଯେ ସେତେବେଳେ ସମୟ ଅଲଗା ଥିଲା, ନବୀନ ତାଙ୍କ ସଫଳତାର ଚରମସୀମାରେ ଥିଲେ । କିନ୍ତୁ, ଏଥରର ପରିସ୍ଥିତି ଅଲଗା । କେବଳ ବିଜେଡି ବିରୁଦ୍ଧରେ ନୁହେଁ, ଏପରିକି ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ସମବେଦନା କମ୍ ହେବାରେ ଲାଗିଛି । ତେଣୁ, ଯଦି ଆସନ୍ତା କିଛି ସମୟରେ ନବୀନ ପଟ୍ଟନାୟକ ପ୍ରତ୍ୟକ୍ଷ ଭାବେ ଦଳର ନେତୃତ୍ୱ ନ ନିଅନ୍ତି, ତେବେ ବିଜେଡିର ଭୋଟ ବ୍ୟାଙ୍କ ଭାଗ ଭାଗ ହେବା ନିଶ୍ଚିତ । ତେଣୁ, ଯେଉଁ ଆଶା କରାଯାଉଥିଲାଯେ, ଏହି ବିଭାଜିତ ଭୋଟ୍‌ର ସିଂହଭାଗ କଂଗ୍ରେସ ଆଡକୁ ଯିବ, ସେ ଆଶା ବି ମଳିନ ପଡିଯାଇଅଛି । କାରଣ ତାଙ୍କ ନିଜ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ । ତେଣୁ, ଯଦି ଆଞ୍ଚଳିକ ଦଳରେ ଏମାନେ ଯୋଗ ଦିଅନ୍ତି, ହୁଏତ ତାଙ୍କ ଭବିଷ୍ୟତ ସୁରକ୍ଷିତ ହୋଇ ପାରିବ । କାରଣ, ଯେହେତୁ ଏମାନେ ପ୍ରାୟ ସମସ୍ତେ ବିଜେପି ପ୍ରାର୍ଥୀଙ୍କ ଦ୍ୱାରା ପରାସ୍ତ ହୋଇଛନ୍ତି, ବିଜେପିରେ ତାଙ୍କର ବେଶୀ କିଛି ସମ୍ଭାବନା ନାହିଁ । କଂଗ୍ରେସ ଏତେ ଦୁର୍ବଳ ଯେ ସେଠାରେ ବି ସେମାନେ କୌଣସି ଭବିଷ୍ୟତ ଦେଖୁ ନାହାନ୍ତି ।

ତେଣୁ, ଏହି ମେଳିର ସବୁଠାରୁ ବଡ ଉଦ୍ଦେଶ୍ୟ ହେଉଛି, ନିଜ ଦଳର ସୁପ୍ରିମୋଙ୍କୁ ଜଣାଇବା ଯେ ଦଳ ଭିତରେ ତାଙ୍କୁ କୋଣଠେସା କରି ରଖି ହେବ ନାହିଁ, ଯଦି ତାଙ୍କୁ ଅଣଦେଖା କରାହୁଏ, ତେବେ ତାଙ୍କ ପାଖରେ ଅନ୍ୟ ବିକଳ୍ପ ଅଛି । ବଣଭୋଜିର ଫୋଟୋ ଭିଡିଓସବୁକୁ ବହୁଳ ଭାବେ ପ୍ରଚାର ପ୍ରସାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ନବୀନ ନିବାସକୁ ବାର୍ତ୍ତାଦେବା, ଅନ୍ୟଥା ସେମାନେ ତାକୁ closed door meeting ଭାବେ କରି ପାରିଥାନ୍ତେ । କିନ୍ତୁ, ଯେଉଁପରି ଭାବେ କଲେଜରେ ୱେଲକମ୍ ଓ କ୍ଲୋଜିଂ ଦିନ ଗ୍ରୁପ ଫୋଟୋ ଉଠାଇ ସମସ୍ତଙ୍କୁ ବଣ୍ଟାଯାଏ, ଏମାନେ ମଧ୍ୟ ଠିକ୍ ସେଇୟା ହିଁ କରିଛନ୍ତି । ହୁଏତ, ଏପ୍ରକାର ଏକ ମେଳିପାଇଁ ନେତୃତ୍ୱ ପରିବର୍ତ୍ତନକୁ କିଛି ଦିନ ଏଡ଼ାଇ ଦିଆଯାଇପାରେ । ତେଣୁ, ଗୋଟିଏ କଥା ନିଶ୍ଚିତ ଯେ, ଏହାକୁ ରଣନୀତି କରି ଅତ୍ୟନ୍ତ ସଠିକ ସମୟରେ ଆୟୋଜନ କରାଯାଇଛି । ଆନୁଷ୍ଠାନିକ ଭାବେ କିଛି ନ କହି ବି ବହୁତ କଥା ନିଜ ଦଳର ମୁଖିଆ ଏବଂ ଦଳର କାରପଟଦାରଙ୍କୁ ଜଣାଇ ଦିଆ ଯାଇଛି । ଆଉ ସେହି କଥାଟି ହେଉଛି, 'ଦଳ ଭିତରେ All is not Well । ଦଳରେ ସବୁ ଠିକ୍ ଚାଲିନାହିଁ ।

**(ହ୍ୱାଟସଆପରେ ଭାଇରାଲ୍ ହୋଇଛି )**

ଜାଗ୍ରତ ଓଡ଼ିଆ

# ‘ଟାଟା’ ଲୁଟ୍ ‘ପାୱାର’




ଅତିରିକ୍ତ ସୁରକ୍ଷା ଜମା ଦେୟ ଉପରେ ଟାଟା ପାୱାର ଯେଉଁ ସ୍ୱଷ୍ଟୀକରଣ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ । ପ୍ରଥମରେ, ଗତବର୍ଷ (୨୦୨୪-୨୫) ଟାଟା ଯେଉଁ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଅଦାୟ କରିଛନ୍ତି ତାହାକୁ ୧୨ ମାସ ବଦଳରେ ୧୩ ମାସ ହିସାବକୁ ନେଇ ୨ ମାସର ହାରାହାରି ବିଦ୍ୟୁତ୍ ବ୍ୟବହାର ନିର୍ଣ୍ଣୟ କରିଛନ୍ତି । ତଦନୁଯାୟୀ ସମସ୍ତ ଉପଭୋକ୍ତାଙ୍କ ଠାରୁ ଅନ୍ୟାୟ ଭାବେ ବର୍ଦ୍ଧିତ ହାରରେ ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ କରିଛନ୍ତି । ଉକ୍ତ ବିଷୟ ଓଡ଼ିଶା ବିଦ୍ୟୁତ୍ ଆୟୋଗରେ ବିଚାରାଧୀନ ଅଛି । ତେବେ ଏପର୍ଯ୍ୟନ୍ତ ତାହା ଉପରେ ଟାଟା କୌଣସି ଉତ୍ତର ଦେଇନାହିଁ । ଗତବର୍ଷ ବର୍ଦ୍ଧିତ ହାରରେ ଆଦାୟ କରିଥିବା ଅଧିକ ଜମା ଟଙ୍କାକୁ ଉପଭୋକ୍ତାଙ୍କୁ ଫେରସ୍ତ ନକରି ଚଳିତ ବର୍ଷରେ ପୁଣି ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ ପାଇଁ ଉପଭୋକ୍ତାଙ୍କୁ ଡିମାଣ୍ଡ ନୋଟିସ ଦେବା ଏକ ହାସ୍ୟାସ୍ପଦ ଘଟଣା । ଟାଟା ଏହା ଉପରେ ସ୍ୱଷ୍ଟୀକରଣ ନଦେଇ କାହିଁକି ନୀରବ ରହିଲା? ତେଣୁ ଗତବର୍ଷ ଅଧିକ ଆଦାୟ କରିଥିବା ଅଧିକ ସୁରକ୍ଷା ଜମାଟଙ୍କା ଉପଭୋକ୍ତାଙ୍କୁ କେବେ ଫେରସ୍ତ ମିଳିବ?

ଦ୍ୱିତୀୟରେ, ସପ୍ଲାଇ କୋଡ, ୨୦୧୯ ଧାରା ୫୩ ଅନୁସାରେ ବିତରଣ କମ୍ପାନୀ ଟାଟା ବର୍ଷକୁ ଥରେ ନିଜ ପାଖରେ ଗଚ୍ଛିତ ଥିବା ସୁରକ୍ଷା ଜମାଟଙ୍କାକୁ ସମୀକ୍ଷା କରିବ ଏବଂ ଯେଉଁବର୍ଷ ବିଦ୍ୟୁତ ମୂଲ୍ୟ ବୃଦ୍ଧି ଘଟିବ ସେହିବର୍ଷ ଅଧିନିୟମ ଅନୁସାରେ ଆବଶ୍ୟକ ହେଉଥିବା ଅତିରିକ୍ତ ସୁରକ୍ଷା ଜମାଟଙ୍କା ଉପଭୋକ୍ତାଙ୍କ ଠାରୁ ଆଦାୟ କରିବେ । ଓଇଆରସି ସପ୍ଲାଇ କୋଡ, ୨୦୧୯ରେ ଏପରି ନିର୍ଦ୍ଦେଶ ଥିବାବେଳେ ଟାଟା କେଉଁଠୁ ଜାଣିବାକୁ ପାଇଲେ କିମ୍ବା କେଉଁ ଅଧିନିୟମ ଅନୁସାରେ କହୁଛନ୍ତିଯେ ବିଦ୍ୟୁତ ବ୍ୟବହାର ବୃଦ୍ଧି ଘଟିଲେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ ପାଇଁ ସେମାନେ ଅଧିକାର ପ୍ରାପ୍ତ । ଆୟୋଗଙ୍କ ଅଧିନିୟମ ଅନୁସାରେ ବିଦ୍ୟୁତ୍ ବ୍ୟବହାର ବୃଦ୍ଧିକୁ ଆଳ କରି ପ୍ରତିବର୍ଷ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରାଯାଇ ପାରିବ ନାହିଁ । ତେଣୁ ଟାଟା ଏହା ଉପରେ ଉତ୍ତର ରଖିବାର ଆବଶ୍ୟକତା ଅଛି ।

ତୃତୀୟରେ, ଟାଟା ମାସିକିଆ ବିଲ ଦେଇ ଦୁଇ ମାସର ସୁରକ୍ଷା ଜମା କାହିଁକି ଆଦାୟ କରୁଛି? ଅଧିନିୟମରେ ଯେତେବେଳେ ୨ ମାସର ବିଦ୍ୟୁତ୍ ବ୍ୟବହାର ଉପରେ ସୁରକ୍ଷା ଜମାଟଙ୍କା ଆଦାୟ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା ସେତେବେଳେ ଦୁଇ ମାସିଆ ବିଦ୍ୟୁତ୍ ବିଲ ଉପଭୋକ୍ତାଙ୍କୁ ଦିଆଯାଉଥିଲା ଏବଂ ସେଥିପାଇଁ ସୁରକ୍ଷା ଜମା ଟଙ୍କା ଆଦାୟ ପାଇଁ ୨ ମାସ ବ୍ୟବସ୍ଥା ଥିଲା । କିନ୍ତୁ ୨୦୦୫ରୁ ଦୁଇ ମାସିଆ ବିଦ୍ୟୁତ୍ ବିଲ ଉଚ୍ଛେଦ ହୋଇ ମାସିକିଆ ବିଦ୍ୟୁତ୍ ବିଲ ଉପଭୋକ୍ତାଙ୍କୁ ଦିଆଯାଉଛି । ତେଣୁ ପୁରୁଣା ଅଧିନିୟମକୁ ଟାଟା କାହିଁକି ସଂଶୋଧନ କରୁନାହିଁ? ଏବଂ ସେହି ପୁରୁଣା ଅଧିନିୟମକୁ ଆଳ କରି ଅନ୍ୟାୟ ଭାବେ ଦୁଇ ମାସର ସୁରକ୍ଷା ଜମା କାହିଁକି ଆଦାୟ କରୁଛି? ଅଧିନିୟମକୁ ସଂଶୋଧନ କରିବା ପାଇଁ ଟାଟା କାହିଁକି ଆଗ୍ରହ ପ୍ରକାଶ କରୁ ନାହିଁ? ଏହା ଉପରେ ଟାଟା ପାୱାର ସ୍ୱଷ୍ଟୀକରଣ ରଖୁ ।

**ଶକ୍ତି ସମୀକ୍ଷକ, ଆନନ୍ଦ ମହାପାତ୍ର**

## ହଜାରେ କୋଟିର ସ୍କାମ୍ ପାଇଁ ଯୋଜନା



ଜଣେ ବିଜୁଳି ଉପଭୋକ୍ତା ଯେତେବେଳେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିଥାଏ ସେତେବେଳେ ସେ ସୁରକ୍ଷା ରାଶି ଜମା କରିଥାଏ । ପରବର୍ତ୍ତୀ ସମୟରେ ଯେତିକି ୟୁନିଟ୍ ବ୍ୟବହାର କରେ ତାର ବିଲ୍ ମଧ୍ୟ ସେ ଦେଇଥାଏ । ତାହାଲେ ଏ ଯେଉଁ ଅତିରିକ୍ତ ସୁରକ୍ଷା ରାଶି ଜମା ଆଦାୟ କଣ ପାଇଁ ? ଏଇଟା ଟିପିସିଓଡିଏଲର ଗୋଟେ ଆଳ । ଲୋକଙ୍କ ବିନା ସହମତିରେ ସ୍ମାର୍ଟ୍ ମିଟର ଲଗେଇ ସ୍ମାର୍ଟ୍ ଉପାୟରେ ସ୍ମାର୍ଟ୍ ଚୋରି କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । କାରଣ ଯଦି ଜଣେ ଉପଭୋକ୍ତା ଠାରୁ ଅତିରିକ୍ତ ସୁରକ୍ଷା ଜମା ରାଶି ନାମରେ ଅତିକମ୍‌ରେ ୧ ହଜାର ଟଙ୍କା ଆଦାୟ କରେ, ତାହାଲେ ଓଡ଼ିଶାରେ ୧କୋଟି ଉପଭୋକ୍ତାଙ୍କ ଠାରୁ ୧ ହଜାର କୋଟି ଟଙ୍କା ଆଦାୟ କରି ଓଇଆରସି ମାଧ୍ୟମରେ ଏକ ବଡ଼ ସ୍କାମ୍ କରିବାର ଉଦ୍ଦେଶ୍ୟ ରଖିଛି । ଏ ଦୁର୍ନୀତିରେ ସରକାରଙ୍କର ମଧ୍ୟ ହାତ ରହିଛି ଏବଂ ସରକାର ମଧ୍ୟ ଏଥିରୁ ଏକ ବଡ଼ ଲାଭାଂଶ ନେବାପାଇଁ ଡିଲ୍ ହେଇଛି । ଯେଉଁଥିପାଇଁ ଶକ୍ତି ବିଭାଗ ମଧ୍ୟ ଚୁପ୍ । ଯେତେବେଳେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ଚାଲିଛି, ପେଟ୍ରୋଲ ଡିଜେଲ ଠାରୁ ଆରମ୍ଭ କରି ଖାଇବା ତେଲର ଦରଦାମ୍ ବୃଦ୍ଧି ଚାଲିଛି ସେ ପରିସ୍ଥିତିରେ ଏଭଳି ଲୁଟ୍ ହେଉଛି ଜଣେ ଉପଭୋକ୍ତା ପକେଟକୁ ସରକାରଙ୍କର ସର୍ଜିକାଲ୍ ଷ୍ଟ୍ରାଇକ୍ । ତେଣୁ ବିଜୁ ଜନତା ଦଳ ଏହାକୁ ବରଦାସ୍ତ କରିବ ନାହିଁ । ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଛି ଆଗକୁ ମଧ୍ୟ ରଖିବ । ଯେତେଦିନ ପର୍ଯ୍ୟନ୍ତ ଟିପିସିଓଡ଼ିଏଲ ତା’ର ଏ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନାହିଁ ସେପର୍ଯ୍ୟନ୍ତ ଆନ୍ଦୋଳନ ତୀବ୍ରରୁ ଆହୁରି ତୀବ୍ରତର ହେବ ।

**ଚିନ୍ମୟ ସାହୁ, ସଭାପତି, ବିଜୁ ଯୁବ ଜନତା ଦଳ**

## ବିଜେଡ଼ି ଓ ବିଜେପି ସରକାର ଦାୟୀ




ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଠାରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ପାଇଁ ଡିମାଣ୍ଡ ନୋଟିସ ପଠାଇଛି ଟାଟା ପାୱାର । ଜମାନକଲେ ୧୦% ସୁଧରେ ଜରିମାନା ଆଦାୟ ହେବ । ବିଜୁଳି ଲାଇନ ବି କାଟି ଦିଆଯିବ । ଟାଟା ପାୱାରର ଏହି ଜିଜିଆକର ଗ୍ରାହକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ତୁରନ୍ତ ଏହାକୁ ପ୍ରତ୍ୟାହାର କରିବା ପାଇଁ ଯୁବ ଛାତ୍ର କ୍ରାନ୍ତି ସେନା ପକ୍ଷରୁ ଦାବି କରାଯାଇଛି । ୧୯୯୪-୯୫ରେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ଆରମ୍ଭ ହୋଇଥିଲା । ଏହା ଫଳରେ ରାଜ୍ୟବାସୀ ଶସ୍ତା ଓ ସୁଲଭ ମୂଲ୍ୟରେ ବିଜୁଳି ସେବା ପାଇପାରିବେ । ହେଲେ ଦୁଃଖର କଥା ବିଜୁଳି ଆଜି କମ୍ପାନୀମାନଙ୍କ ପାଇଁ ଏକ ଲେଉଟିଆ କିଆରି ହୋଇଛି । ଓଡ଼ିଶାବାସୀଙ୍କ ଠାରୁ ପାଖାପାଖି ୨ ହଜାର କୋଟିରୁ ଅଧିକ ଟଙ୍କା ଲୁଟ୍ କରି ଆମେରିକା କମ୍ପାନୀ ଏଏସଏସ୍ସୁ ଓଡ଼ିଶା ଛାଡିଲା । ରିଲାଏନ୍ସ ପାୱାର ମଧ୍ୟ ଦୀର୍ଘ ୧୫ ବର୍ଷ ଧରି ଓଡ଼ିଶାବାସୀଙ୍କ ଠାରୁ ୭ ହଜାର କୋଟିରୁ ଅଧିକ ଟଙ୍କା ଲୁଟ୍ କରି ଓଡ଼ିଶା ଛାଡିଲା । ୨୦୨୦ରୁ ଟାଟା ପାୱାର ହାତରେ ଓଡ଼ିଶାର ୧ କୋଟି ଗ୍ରାହକଙ୍କୁ ଲୁଟିବା ପାଇଁ ସରକାର ଛାଡି ଦେଇଛନ୍ତି । ଆଜି ତାର ପରିଣାମ ଭୋଗୁଛନ୍ତି ଓଡ଼ିଶାବାସୀ । ସାଧାରଣ ଗ୍ରାହକଙ୍କ ବିଜୁଳି ଲାଇନ କାଟି ଦିଆଯାଉଛି । ହେଲେ ୬ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ବାକିଆ ପଡିଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ । ଏବେବି ଜାତୀୟ ହାର ଠାରୁ ଅଧିକ ଦାମ ଦେଇ ଓଡ଼ିଶାର ବିଜୁଳି ଗ୍ରାହକମାନେ ବିଜୁଳି କିଣୁଥିବା ବେଳେ ଓଇଆରସି ଓ ଓଡ଼ିଶା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ।

**ଇଂ ପାର୍ଥସାରଥୀ ମୁଦୁଲି, ଆବାହକ, ଯୁବ ଛାତ୍ର କ୍ରାନ୍ତି ସେନା**

# କୋଟି ପ୍ରଣାମ

"
କ୍ୟା ହାର ମେଁ, କ୍ୟା ଜିତ୍ ମେଁ
କିଞ୍ଚିତ ନହିଁ ଭୟଭୀତ ମେଁ
କର୍ତ୍ତବ୍ୟ ପଥ ପର ଯୋ ଭି ମିଲା
ୟହ ଭି ସହି, ୱହ ଭି ସହି
ବରଦାନ ନହିଁ ମାଁଗୁଗାଁ
ହୋ କୁଛ ଭି, ହାର ନହି ମାନୁଁଗା...
"

**ଜନ୍ମ : ଗ୍ୱାଲିଅର, ମଧ୍ୟପ୍ରଦେଶ (୧୯୨୪, ଡିସେମ୍ବର ୨୫)**
**ଶିକ୍ଷା : ରାଜନୀତି ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଏମ୍ଏ ପାସ୍**
**ରାଜନୀତିର ପ୍ରଥମ ପାହାଚ:**
**ଆର୍ଯ୍ୟ କୁମାର ସଭା, ଗ୍ୱାଲିଅର, ମଧ୍ୟପ୍ରଦେଶ**
**ସଂସଦ : ୧୦ ଥର ଲୋକସଭା ସାଂସଦ**
**୨ ଥର ରାଜ୍ୟସଭା ସାଂସଦ**
**ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳ: ୧୯୯୬, ୧୯୯୮-୧୯୯୯,**
**୧୯୯୯-୨୦୦୪**



■ ଭାରତୀୟ ରାଜନୀତିର ଜଣେ ସର୍ବଶ୍ରେଷ୍ଠ ସାଂସଦ, ରାଜନେତା ଏବଂ ପ୍ରଧାନମନ୍ତ୍ରୀ ଭାବେ ଅଟଳ ବିହାରୀ ବାଜପେୟୀ ଚିର ସ୍ମରଣୀୟ ରହିବେ। ଡିସେମ୍ବର ୨୫ରେ ତାଙ୍କର ୧୦୧ ତମ ଜନ୍ମବାର୍ଷିକୀ । ଏହି ଅବସରରେ ତାଙ୍କ ସମ୍ପର୍କରେ କିଛି ରୋଚକ କଥା ।

■ ଅଟଳଜୀ ଓ ତାଙ୍କ ପିତା କାନପୁରର ଗୋଟିଏ ଆଇନ କଲେଜରେ ପାଠ ଶେଷ କରିଥିଲେ ଏବଂ ଗୋଟିଏ ହଷ୍ଟେଲ ରୁମରେ ରହୁଥିଲେ ।

■ ଅଟଳଜୀଙ୍କ ବକ୍ତୃତା ଦକ୍ଷତା ଏବଂ କଥା ଏତେ ପ୍ରଭାବଶାଳୀ ଥିଲାଯେ, ସଂସଦରେ ତାଙ୍କର ପ୍ରଥମ ଭାଷଣ ପରେ, ଜବାହରଲାଲ ନେହେରୁ ଭବିଷ୍ୟବାଣୀ କରିଥିଲେଯେ, ବାଜପେୟୀ ଦିନେ ଭାରତର ପ୍ରଧାନମନ୍ତ୍ରୀ ହେବେ ।

■ ଗ୍ୱାଲିଅରର ଆର୍ଯ୍ୟ କୁମାର ସଭା ଠାରୁ ହିଁ ଅଟଳଜୀଙ୍କ ଭିତରେ ଥିବା ରାଜନେତା ଜୀବନ୍ୟାସ ପାଇଥିଲା ।

■ ଭାରତ ଛାଡ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବାରୁ ୨୩ ଦିନ ପାଇଁ ଜେଲ ଯାଇଥିଲେ ।

■ ବାଜପେୟୀ ପ୍ରାରମ୍ଭରୁ ବାମପନ୍ଥୀ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ। ବାବାସାହେବ ଆପ୍ତେଙ୍କ ଦ୍ୱାରା ପ୍ରଭାବିତ ହୋଇ, ସେ ୧୯୩୯ରେ ଆରଏସଏସରେ ଯୋଗ ଦେଇଥିଲେ ଏବଂ ୧୯୪୭ରେ ପ୍ରଚାରକ ହୋଇଥିଲେ।

■ ରାଜନୀତିକୁ ଆସିବ ପୂର୍ବରୁ ସେ କିଛି ଦିନ ପାଇଁ ଜଣେ ସାମ୍ବାଦିକ ଭାବରେ କାର୍ଯ୍ୟ କରିଥିଲେ । ଦୁଇଟି ମାସିକ ପତ୍ରିକା - ରାଷ୍ଟ୍ରଧର୍ମ ଏବଂ ପଞ୍ଚଜନ୍ୟ - ମଧ୍ୟ ପ୍ରକାଶ କରିଥିଲେ ।

■ ଦେଶର ଇତିହାସରେ ବାଜପେୟୀ ଏକମାତ୍ର ସାଂସଦ, ଯିଏକି ୪ଟି ଭିନ୍ନ ରାଜ୍ୟ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଦିଲ୍ଲୀରୁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ।

■ ୧୬ ଅଗଷ୍ଟ ୨୦୧୮ରେ ତାଙ୍କର ପରଲୋକ ହୋଇଥିଲା । ଜାତି ପ୍ରତି ତାଙ୍କର ସେବାକୁ ସ୍ୱୀକୃତି ଦେବା ପାଇଁ, ତାଙ୍କ ଜନ୍ମଦିନ, ଡିସେମ୍ବର ୨୫କୁ 'ସୁଶାସନ ଦିବସ' ଭାବରେ ପାଳନ କରାଯାଉଛି ।

# 'ରାମଚନ୍ଦ୍ର'ଙ୍କୁ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ

**ରାୟଗଡ଼ାରୁ ଟି ଅଶୋକ କୁମାର**

ଖାଲି ଅବିଭକ୍ତ କୋରାପୁଟ ନୁହେଁ, ବରଂ ରାଜ୍ୟର ଜଣେ ସୁନାମଧନ୍ୟ ଆଦିବାସୀ ନେତା ଭାବେ ରାମଚନ୍ଦ୍ର ଉଲାକାଙ୍କର ଖ୍ୟାତି ରହିଥିଲା। ତାଙ୍କର ପୁଅ ସପ୍ତଗିରି ଉଲାକା ଏବେ କୋରାପୁଟର ସାଂସଦ ଥିବାବେଳେ ବଡ଼ ପୁଅ ଶିବଶଙ୍କର ଉଲାକା ବିଜେପିର ଟାଣୁଆ ନେତା ଭାବେ ଉଭା ହୋଇଛନ୍ତି। ଏକଦା ରାମଚନ୍ଦ୍ରଙ୍କ ପରଲୋକ ପରେ ସୃଷ୍ଟି ହୋଇଥିବା ବିବାଦ ସେତେବେଳେ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏବେ କିନ୍ତୁ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ରାଜନୀତିକ ବିବାଦ ଦେଖିବାକୁ ମିଳିଛି । ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିକୁ ନେଇ ବିଜେପି ଓ କଂଗ୍ରେସ ମୁହାଁମୁହିଁ ଘଟଣା ଅବିଭକ୍ତ କୋରାପୁଟ ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟିକରିଛି। ପ୍ରତିମୂର୍ତ୍ତି ସ୍ଥାପନର ସ୍ଥାନ ଚୟନ ଓ କାର୍ଯ୍ୟ ସ୍ଥଗିତ ଘଟଣା ଉଭୟ ଶାସକ-ବିରୋଧୀଙ୍କ ମଧ୍ୟରେ ତିକ୍ତତା ସୃଷ୍ଟିକରିଛି । ଆସନ୍ତା



୨୪ରେ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହକୁ ଭବ୍ୟ କରିବା ପାଇଁ ସପ୍ତଗିରି ଯୋଜନା କରିଛନ୍ତି। ଅବଶ୍ୟ ଆମର ରିପୋର୍ଟ ପାଠକମାନେ ପଢ଼ିବା ବେଳକୁ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟ ଶେଷ ହୋଇଯାଇଥିବ। ଏହି ଉତ୍ସବରେ ସଚିନ ପାଇଲଟ, ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରମୁଖ ଯୋଗଦେବେ । ଏହି ସଭାରେ କଂଗ୍ରେସ ଶକ୍ତି ପ୍ରଦର୍ଶନ ବି କରିବ । ଯାହାର ବିସ୍ତୃତ ରିପୋର୍ଟ ଆମେ ଆଗାମୀ ସଂସ୍କରଣରେ ପ୍ରକାଶ କରିବୁ।

**ରାମଚନ୍ଦ୍ର ଉଲାକା**

ଚାରି ଦଶନ୍ଧି ଧରି କୋରାପୁଟ ଓ ରାୟଗଡ଼ା ରାଜନୀତିକୁ ପ୍ରଭାବିତ କରି ରଖିଥିଲେ ରାମଚନ୍ଦ୍ର ଉଲାକା । ୧୯୬୨ରେ ପ୍ରଥମ ଥର ପାଇଁ କୋରାପୁଟରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୭ରେ ପୁଣିଥରେ ସେ ସାଂସଦ ହେବାର ସୌଭାଗ୍ୟ ପାଇଥିଲେ। ୧୯୭୪ରେ ରାୟଗଡ଼ାରୁ ବାଜିମାତ୍ କରି ସେ ପ୍ରଥମ ଥର ପାଇଁ ଯାଇଥିଲେ ବିଧାନସଭା । ଏହାପରେ ୧୯୭୭, ୧୯୮୦, ୧୯୮୫, ୧୯୯୦ ଓ ୧୯୯୫ରେ ଲଗାତର ବାଜିମାତ୍ କରିଥିଲେ। ୨୦୦୪ରେ ସେ ପୁଣି ଥରେ ନିର୍ବାଚିତ ହେବା ସହ କିଛିଦିନ ପାଇଁ ବିରୋଧୀ ଦଳ ନେତା ହେବାର ବି ସୁଯୋଗ ପାଇଥିଲେ। ଜାନକୀବାବୁଙ୍କ ସରକାରରେ ସେ ଜଙ୍ଗଲ, ଶକ୍ତି, ଜଳସେଚନ ଓ ଆଦିବାସୀ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ । ତାଙ୍କ ସାନ ଭାଇ ଡମ୍ବରୁଧର ଉଲାକା ବି ଟାଣୁଆ ଆଦିବାସୀ ନେତା ଥିଲେ। ୧୯୩୪ ଜୁଲାଇ ୧ରେ ଜନ୍ମିତ ରାମଚନ୍ଦ୍ର ଉଲାକାଙ୍କର ୨୦୧୧ ଡିସେମ୍ବର ୨୪ରେ ପରଲୋକ ହୋଇଥିଲା । ତେବେ ଓଡ଼ିଶା ସରକାରଙ୍କ ୱେବସାଇଟ୍‌ରେ ତାହା ଡିସେମ୍ବର ୨୫ ବୋଲି ଉଲ୍ଲେଖ କରାଯାଇଛି ।

# ଓଡ଼ିଆ କଙ୍କଡ଼ା ଓ 'ବୈଜୟନ୍ତ'




ଓଡ଼ିଆମାନେ ଆଗକୁ ବଢ଼ିବା ଅପେକ୍ଷା ଅନ୍ୟର ଗୋଡ଼ ଟାଣିବାରେ ବ୍ୟସ୍ତ ରୁହନ୍ତି । ନିଜେ ବଡ଼ ହେବା ଅପେକ୍ଷା ଅନ୍ୟକୁ ଛୋଟ କରିବାରେ ବୋଧହୁଏ ଅଫୁରନ୍ତ ଆନନ୍ଦ ରହିଛି । ସେଥିପାଇଁ 'ଓଡ଼ିଆ କଙ୍କଡ଼ା' ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି ।

ଏବେ ଆସିବା ପ୍ରସଙ୍ଗକୁ । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କର ଭୁବନେଶ୍ୱରରୁ ନେଇ ନୂଆଦିଲ୍ଲୀ ଯାଏଁ ଢେର ସୁନାମ ରହିଛି । ମୁଖ୍ୟମନ୍ତ୍ରୀ ହେବାପାଇଁ ବି ତାଙ୍କର ଷୋଳ ଅଣା ଇଚ୍ଛା । ଏକଦା ନବୀନ ପଟ୍ଟନାୟକଙ୍କ ପରେ ସେ ମୁଖ୍ୟମନ୍ତ୍ରୀ ଚେହେରା ହେବାକୁ ବେଶ୍ କସରତ କରୁଥିଲେ । ହେଲେ ଭିକେ ପାଣ୍ଡିଆନ୍ ତାଙ୍କ ରଣନୀତିକୁ ବେକାର କରିଦେବା ପରେ ସେ ବିଜେପିକୁ ପଳାଇଲେ। ଅବଶ୍ୟ ତା' ପୂର୍ବରୁ ନିଜେ ଦଳଟିଏ ଗଢ଼ିବା ପାଇଁ 'ହେଇଯାଉ' ଅଭିଯାନ ଜରିଆରେ ଛକ ବଜାରରେ ଚା' ପିଆ ପର୍ବ କଲେ । ସେସବୁ ଫସର ଫାଟିଗଲା । ତେଣୁ ବ୍ୟାବସାୟିକ ଓ ରାଜନୀତିକ ସ୍ୱାର୍ଥ ପାଇଁ ସେ ବିଜେପିକୁ ପଳାଇଲେ। ଅବଶ୍ୟ ଏହାଦ୍ୱାରା ଉଭୟ କ୍ଷେତ୍ରରେ ସେ ଲାଭ ଅର୍ଜନ କରିଛନ୍ତି।

ବିଜେପି ଆସିବା ପରେ ସେ ଭାବିଥିଲେ, ଏଠି ବେଶୀ ବଡ଼ ନେତା ନାହାନ୍ତି । ଧର୍ମେନ୍ଦ୍ରଙ୍କୁ ଟିକେ ଟାଣିଟୁଣି ତଳକୁ ନେଇଗଲେ ସେ ନିଜେ ବଡ଼ ଚେହେରା ହୋଇଯିବେ। ଯେଉଁଥିପାଇଁ ନିର୍ବାଚନ ସମୟରେ ଧର୍ମେନ୍ଦ୍ରଙ୍କ ରୋଡ଼ଶୋ'କୁ ବି ନିଜ ଟିଭିରେ ଦେଖାଇଲେନି । ଏକଥା ସମସ୍ତେ ଜାଣନ୍ତି । ଏବେ ଅଚ୍ୟୁତ ସାମନ୍ତଙ୍କ ଉପରେ ତାଙ୍କର ରାଗ । କାହିଁକିନା ପଣ୍ଡା ପରିବାର ହେଉଛନ୍ତି ରାଜ୍ୟର ସବୁଠୁ ଧନୀ ଓ ପ୍ରତିପତ୍ତିଶାଳୀ । ବୋଧହୁଏ ସେ ଭାବୁଛନ୍ତି ଲୋକପ୍ରିୟତା, ପ୍ରତିପତ୍ତିରେ ଆଉ କେହି ତାଙ୍କଠୁ ଆଗକୁ ନଯାଆନ୍ତୁ । ଅଚ୍ୟୁତ ବାବୁ ଇତିମଧ୍ୟରେ ଛଅ ଡଜନ ଅନୁଷ୍ଠାନରୁ ସମ୍ମାନଜନକ ଡକ୍ଟରେଟ୍ ସମ୍ମାନ ପାଇ ସାରିଛନ୍ତି । କିଟ୍ ଓ କିସକୁ ନେଇ ବିଶ୍ୱରେ ବି ଚର୍ଚ୍ଚା ହେଉଛି । ଅବଶ୍ୟ ବାହାମାସ ଘଟଣାରେ ବୈଜୟନ୍ତ ବି ବିଶ୍ୱରେ ଚର୍ଚ୍ଚିତ । ତେବେ କିଟ୍ ଓ କିସରେ କିଛି ବି ଘଟିଲେ ପଣ୍ଡାବାବୁଙ୍କ ଚ୍ୟାନେଲରେ ନ୍ୟୁଜ୍ ବିସ୍ଫୋରଣ କରୁଛି । ନ୍ୟୁଜ୍ ପ୍ରସାରଣ କରିବା ଗଣମାଧ୍ୟମର ଦାୟିତ୍ୱ । ହେଲେ ପଛରେ ପଡ଼ିଯିବାକୁ କାମଳ ସାମ୍ବାଦିକତା ହିଁ କୁହାଯିବ। ସୋସିଆଲ ମିଡ଼ିଆରେ ବି ଏମିତି ଅନେକ ଲୋକ ବୈଜୟନ୍ତଙ୍କ ଓଡ଼ିଆ କଙ୍କଡ଼ା ଭଳି ଗୋଡ଼ଟଣା ନୀତି ଓ ତାଙ୍କ ଟିଭିର ଆଭିମୁଖ୍ୟକୁ ନାକ ଟେକୁଛନ୍ତି। ଏହାଦ୍ୱାରା ବୈଜୟନ୍ତଙ୍କର ଓଜନ କମୁଛି କହିଲେ ଭୁଲ୍ ହେବନାହିଁ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor
BALARAM RANASINGH